## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଡ୍ରାଇଭର ଗୁରୁତର



ରସାଳପୁର, ୧୪।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ସଦର ଥାନା ନିକଟବର୍ତ୍ତୀ ୧୬ନଂ. ଜାତୀୟ ରାଜପଥ ବାଣପାରିଆ ନିକଟରେ ଶନିବାର ପୂର୍ବାହ୍ନରେ ୨ଟି ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ହୋଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସାହାଯ୍ୟରେ ଡ୍ରାଇଭରଦ୍ୱୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟ ଗାଡ଼ିକୁ ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି। ଡାକ ପାର୍ସଲ ଟ୍ରକ୍ (ନଂ. ଏଚ୍ଆର୍-୬୭ବି-୯୩୯୪) ରେମୁଣା ଗୋଲେଇ ପଟୁ ଆସୁଥିବା ବେଳେ ଏଇ ଇଟା ବୋଝେଇ ଡମ୍ଫର (ନଂ. ଓଡ଼ି୦୧ଜେ-୭୬୩୦) ରେମୁଣା ଗୋଲେଇ ଅଭିମୁଖେ ଯାଉଥିଲା। ବାଣପାରିଆ ନିକଟରେ ଉଭୟ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ଡମ୍ଫର ରାସ୍ତାର ଭୁଲ୍ ପାର୍ଶ୍ୱରେ ଆସୁଥିବା ଯୋଗୁ ଦୁର୍ଘଟଣା ଘଟିଥିଲା। ଡମ୍ଫର ଡ୍ରାଇଭରଙ୍କ ନାମ କାଲୁ ଦାସ। ତାଙ୍କ ଘର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ନହରପାଟଣାରେ। ଉକ୍ତ ଗାଡ଼ିରେ ଡ୍ରାଇଭରଙ୍କ ସମେତ ୪ ଜଣ ଶ୍ରମିକ ଆଗ କେବିନ୍‌ରେ ବସିଥିଲେ। ଡ୍ରାଇଭର ଷ୍ଟିୟରିଂରେ ଚାପି ହୋଇଯାଇଥିବାରୁ ତାଙ୍କ ଡାହାଣ ଗୋଡ଼ ନଷ୍ଟ ହୋଇଯାଇଛି। ଶ୍ରମିକମାନଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

### ବିଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

ରୂପ୍‌ସା,୧୪।୧୨(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରି ଗ୍ରାମର ମଦ ବ୍ୟବସାୟୀ ମହେଶ୍ୱର ଦାସଙ୍କୁ ଶୁକ୍ରବାର ରାତିରେ ପୋଲିସ ଗିରଫ କରିଛି। ତାଙ୍କ ପାନ ଦୋକାନରୁ ୨୦ବୋତଲ ବିଦେଶୀ ମଦ ଜବତ ହୋଇଛି। ଏନେଇ ବସ୍ତା ଥାନାରେ ଏକ ମାମଲା (ନଂ. ୪୦୪/୧୯) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଦୀର୍ଘଦିନ ଧରି ସେ ଏକ ପାନ ଦୋକାନରେ ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗ ହୋଇଥିଲା। ଏଏସ୍ଆଇ ଚିତ୍ତରଞ୍ଜନ ମହାନ୍ତି ସଦଳବଳ ଚଢ଼ାଉ କରି ମଦ ଜବତ କରିବା ସହ ବ୍ୟବସାୟୀ ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

### ରୂପ୍‌ସା ଥାନାରେ ନୂତନ ଅଧିକାରୀ

ରୂପ୍‌ସା,୧୪।୧୨(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଥାନାରେ ନୂତନ ଥାନାଧିକାରୀ ଭାବେ ସବ୍‌ଇନ୍ସପେକ୍ଟର ଅଜୟ କୁମାର ମୁର୍ମୁ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ରାଜବରହମପୁର ଥାନାଧିକାରୀ ଭାବେ ନିଯୁକ୍ତ ହୋଇଥିଲେ। ରୂପ୍‌ସା ଥାନାକୁ ତାଙ୍କର ବଦଳି ସହ ରୂପ୍‌ସାରେ କାର୍ଯ୍ୟରତ ଥାନାଧିକାରୀ ସୁଚନ୍ଦ୍ର ମହାଲିକଙ୍କୁ ସହଦେବଖୁଣ୍ଟା ଆଦର୍ଶ ଥାନାକୁ ବଦଳି ହୋଇଛି। ନୂତନ ଥାନାଧିକାରୀ ମୁର୍ମୁ ଥାନା ଅଞ୍ଚଳର ଚୋରି, ଡକାୟତି ଓ ଅପରାଧ ନିୟନ୍ତ୍ରଣ ଦିଗରେ ଗୁରୁତ୍ୱ ଦେବେ ବୋଲି କାର୍ଯ୍ୟଭାର ଗ୍ରହଣ କରିବା ସମୟରେ କହିଛନ୍ତି। ଥାନାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### ଯାନବାହନ ଯାଞ୍ଚ

ରୂପ୍‌ସା, ୧୪।୧୨(ଡି.ଏନ.ଏ.): ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବାଇପାସ୍-ସୋଲପଟା ରାସ୍ତାରେ ଶନିବାର ବସ୍ତା ଥାନା ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଇଛି। ଆଇଆଇସି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଆପରାଧିକ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ବାଇକ୍, ଭ୍ୟାନ୍ ଓ ଟ୍ରକ୍ ଆଦି ଅଟକାଇ ତନଖି କରିଥିଲେ। ଏହି ରାସ୍ତା ଦେଇ ଲୁଟେରା, ଅପରାଧୀ, ଡକାୟତମାନେ ବିଭିନ୍ନ ସମୟରେ ଅପରାଧ ଘଟାଉଥିବା ଖବର ପୋଲିସ ନଜରରେ ରହିଛି। ଏହାବ୍ୟତୀତ ନିଶା କାରବାର ବୃଦ୍ଧି ପାଉଥିବା ଯୋଗୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିଶା କାରବାରରେ ରୋକ ଏବଂ ଅପରାଧୀଙ୍କୁ ଦମନ କରିବା ଯୋଜନାରେ ପୋଲିସ ପକ୍ଷରୁ ଅଚାନକ ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

## ରେଲୱେ ଜାଗାରୁ ଜବରଦଖଲ ଉଚ୍ଛେଦ
# ଜୀବିକା ହରାଇଲେ ୩୦ ବ୍ୟବସାୟୀ

ରୂପ୍‌ସା, ୧୪।୧୨(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନଠାରେ ଥିବା ରେଲୱେ ଜାଗାରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଷ୍ଟେଶନ ସମ୍ମୁଖ ଏବଂ ଉତ୍ତର-କେବିନଠାରେ ଥିବା ୩୦ଜଣ ବ୍ୟବସାୟୀଙ୍କ ଦୋକାନ କେବିନ ଓ ଅସ୍ଥାୟୀ ଗୃହକୁ ଜେସିବି ଯୋଗେ ଭାଙ୍ଗି ଦିଆଯାଇଛି। ଫଳରେ ଜଳଖିଆ, ଚା’, ପାନ, ତେଲଭାଜି, ଟେଲରିଂ, ସେଲୁନ, ଲଣ୍ଡ୍ରି ଓ ସାଇକେଲ ମରାମତି ଆଦି ଦୋକାନରେ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ୩୦ଜଣ ଦୋକାନୀଙ୍କ ଜୀବିକା ଠପ୍ ହୋଇଯାଇଥିବା ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଦୁର୍ଦ୍ଦିନରେ ଥିବା ଏହି ବ୍ୟବସାୟୀଙ୍କ ପରିବାରର ପେଟପାଟଣା ପାଇଁ ସରକାରଙ୍କ ତରଫରୁ ବନ୍ଦୋବସ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଦୀର୍ଘଦିନ ଧରି ଏହି ରେଳବାଇ ଜାଗାରେ ସେମାନେ ବ୍ୟବସାୟ ଚଳାଇ ଆସୁଥିଲେ। ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଖୁବ୍‌ଶୀଘ୍ର ଷ୍ଟେଶନରେ ପୂର୍ବପଟ ଦେଇ ନୂତନ ଭାବେ ତୃତୀୟ ରେଳଧାରଣା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ରେଳପଥ ଜେନେରାଲ ମ୍ୟାନେଜର ସଞ୍ଜୟ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆରପିଏଫ ଆଇଆଇସି ଜେଏନ୍ ମହାପାତ୍ର, ଏସ୍ଆଇ ଭଗବାନ ସିଂହ, ରୂପ୍‌ସା ଥାନା ଏଏସ୍ଆଇ ନରହରି ମହାଳିକ, ଷ୍ଟେଶନ ମ୍ୟାନେଜର ଶ୍ରୀପତି ରାଉତଙ୍କ ସମେତ ଆରପିଏଫ ଓ ରୂପ୍‌ସା ଥାନା ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏନେଇ ପୂର୍ବରୁ ବିଭାଗ ପକ୍ଷରୁ ସମସ୍ତ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା।



ରୂପ୍‌ସା ଉତ୍ତର କେବିନଠାରେ ଜବରଦଖଲ ଉଚ୍ଛେଦ ହେଉଛି।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖା ଖା ବୋଇଲେ କି ଦିନ ସରେ,**
**ନା ଦେବି ଦେବି ବୋଇଲେ ଦୁଃଖ ହରେ ?**

ଆପଣାର ଭାବ ନ ଥିଲେ ଯେତେ ସୁନ୍ଦର ଖାଦ୍ୟ ହୋଇଥିଲେ ମଧ ପାଟିକୁ ତାହା ରୁଚି ନ ଥାଏ। ସାହାଯ୍ୟ ନ କରି ଦେବି ଦେବି ବୋଲି ମିଛ ଆଶ୍ୱାସନା ଦେଇ ଚାଲିଲେ ଦୁଃଖର ଦିନ ହଟିଯାଇ ନ ଥାଏ। ଯେଉଁଠି ସ୍ନେହ, ଆଦର, ସହାନୁଭୂତି ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଲିଆ ବୋଇଲା ପାଟଳାରେ**
**ଦେଖୁ ମୋର ଚାଲିକି**
**ତୁ ମୁଁ ଦିହେଁ ଏକାଠି ହେଲେ**
**ଗୋସେଇଁ ଖାଇବା କାଲିକି ।**

ଖଲିଆ ଓ ପାଟଳା ବଳଦ ଉଭୟେ ମାଲିକର ଅମଙ୍ଗଳ ଚାହାନ୍ତି। ଖାଲିଆ ବଳଦ ଭଲ ଚାଲିପାରେ ନାହିଁ, ସେ ପାଟଳାକୁ ସାଙ୍ଗକରି ତା’ପରି ଧୀରେ ଚାଲିବାକୁ ପ୍ରବର୍ତ୍ତାଇବା ଅର୍ଥ ଚାଷକାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା। ଫଳସ୍ୱରୂପ ଏପରି ବଳଦ ଥିଲେ ମାଲିକର ଭୀଷଣ କ୍ଷତି ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ
# ୫୦୭ ମକଦ୍ଦମା ଫଇସଲା



ଜିଲା ଜଜ୍ କୋର୍ଟରେ ଉପସ୍ଥିତ ଲୋକେ।

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ଜିଲା ଜଜ୍ କୋର୍ଟ ଅଧୀନରେ ଥିବା ତାଲୁକ ଆଇନସେବା କେନ୍ଦ୍ର ଜଳେଶ୍ୱର, ସୋର, ନୀଳଗିରି, ବସ୍ତା ଏବଂ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟଠାରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୦୭ ମାମଲା ଫଇସଲା ହୋଇଥିବା ଜଣାପଡ଼ିଛି।

ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷା ସୋନାଲି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଜଜ୍‌କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ। ମୋଟ ୨୫୧ ପେଣ୍ଡିଂ ମକଦ୍ଦମା (ଚେକ୍ ବାଉନ୍‌ସ ମାମଲା-୨୮, ବ୍ୟାଙ୍କ ରିକଭରି ମାମଲା-୧, ମୋଟରଯାନ ଜନିତ ଦୁର୍ଘଟଣା ମାମଲା-୭୫, ବୈବାହିକ ବିବାଦ ମକଦ୍ଦମା-୧୯, ଅନ୍ୟାନ୍ୟ-୧୨୮) ଫଇସଲା କରାଯାଇ ଚେକ୍ ବାଉନ୍ସ ମାମଲା ବାବଦକୁ ୨୪,୦୩, ୬୯୨ ଟଙ୍କା, ବ୍ୟାଙ୍କ୍ ଋଣ ଆଦାୟ ମାମଲା ବାବଦକୁ ୫,୪୩,୧୪୬ଟଙ୍କା, ମୋଟରଜନିତ ଦୁର୍ଘଟଣା ମାମଲା ବାବଦକୁ ୩,୮୧,୫୫,୦୦୦ଟଙ୍କା ଆଦାୟ କରାଯାଇଥିଲା। ଏତଦ୍‌ଭିନ୍ନ ପ୍ରାକ୍ ମକଦ୍ଦମା ଜନିତ ୨୨୪ ବ୍ୟାଙ୍କ ମକଦ୍ଦମା, ସ୍ଥାୟୀ ଲୋକ ଅଦାଲତ ବାଲେଶ୍ୱର ଅଧୀନରେ ଆସୁଥିବା ଟେଲିଫୋନ ଏବଂ ଅନ୍ୟାନ୍ୟ ୩୨ ମକଦ୍ଦମାର ଫଇସଲା କରାଯାଇ ୧୪,୭୯,୮୭୭ ଟଙ୍କା ଆଦାୟ କରାଯାଇଛି। ଏହି ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

### ମଧୁମେହ ରୋଗ ପରୀକ୍ଷଣ ଶିବିର

ଜଳେଶ୍ୱର, ୧୪।୧୨(ଡି.ଏନ.ଏ.)

ଜଳେଶ୍ୱର ରୋଟାରୀ କ୍ଲବ ତରଫରୁ ଶନିବାର ମଧୁମେହ ରୋଗର ମାଗଣା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବାସନ୍ତୀ ପଡ଼ିଆସ୍ଥିତ ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏହି ଶିବିର ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ବହୁ ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ଶିବିରରେ ରୋଟାରିୟାନ ଡା. ଦୀପ୍ତିମୟୀ ମହାପାତ୍ର ରୋଗୀମାନଙ୍କୁ ପରୀକ୍ଷା କରିଥିବା ବେଳେ କ୍ଲବ ସଭାପତି ସୁରେଶ କୁମାର ସାହୁ, ସମ୍ପାଦକ ସତ୍ୟବ୍ରତ ଜେନା, ସଦସ୍ୟ ସୁରେଶ ଦାସ, ସନ୍ତୋଷ ପ୍ରଧାନ, ବିକାଶ ଧର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ସୁରକ୍ଷା ନର୍ସିଂହୋମ ତରଫରୁ କର୍ମଚାରୀମାନେ ରୋଗୀମାନଙ୍କର ପରୀକ୍ଷା କାର୍ଯ୍ୟ ତୁଲାଇ ଥିଲେ। ଏହି ପରୀକ୍ଷା ପ୍ରତି ମାସର ୨ୟ ଶନିବାର ଚାଲିବ ବୋଲି ରୋଟାରୀ କ୍ଲବ ତରଫରୁ ସୂଚନା ଦିଆଯାଇଛି। ତେଣୁ ଏହି ରୋଗର ରୋଗୀମାନେ ମାଗଣାରେ ଉପକୃତ ହେବା ପାଇଁ କ୍ଲବ ତରଫରୁ ନିବେଦନ କରାଯାଇଛି।

### ୨ ହୋଟେଲ ମ୍ୟାନେଜର ଗିରଫ

ଭୋଗରାଇ, ୧୪।୧୨(ଡି.ଏନ.ଏ.)

**ତାଳସାରୀର ୨ ହୋଟେଲ ସିଲ୍**

ବାଲେଶ୍ୱର ଜିଲା ସୀମାନ୍ତ ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ହୋଟେଲ ଏବଂ ଲଜ୍‌ରେ ବେଧଡ଼କ ଦେହ ବ୍ୟବସାୟ ହେଉଥିବା ଭିଡିଓ ଭାଇରାଲ ଓ ଗଣମାଧମରେ ପ୍ରଚାର ହେବା ପରେ ପୋଲିସ ତତ୍ପର ହୋଇପଡ଼ିଛି। ଏସ୍‌ଡିପିଓ ଅଙ୍କିତା କୁମାରୀଙ୍କ ନେତୃତ୍ୱରେ ତାଳସାରୀ ମେରାଇନ ଥାନା ଓ ଜଳେଶ୍ୱର ଥାନା ସହାୟତାରେ ପୋଲିସ ପକ୍ଷରୁ ବିଭିନ୍ନ ହୋଟେଲରେ ଅଚାନକ ଚଢ଼ାଉ କରାଯାଇଛି। ହେଲେ ଦେହ ବ୍ୟବସାୟରେ ସମ୍ପୃକ୍ତ ଥିବା ଯୁବତୀ ଓ ଯୁବକଙ୍କୁ ଗିରଫ କରାଯାଇ ପାରିନାହିଁ। ତାଳସାରୀ ବେଳାଭୂମି ସଂଲଗ୍ନ ହୋଟେଲ ସାଗର କନ୍ୟାର ମ୍ୟାନେଜର ନେରୁପଦ ରାଉତ (୫୬) ଓ ସାଗର ସୈକତର ମ୍ୟାନେଜର ଶେକ ସାଦାମ୍ (୩୨)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ ୨ ହୋଟେଲର ମ୍ୟାନେଜରଙ୍କ ବିରୋଧରେ ପୃଥକ ମାମଲା (ନଂ. ୬୪ ଓ ୬୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ହୋଟେଲ ସାଗର କନ୍ୟା ଓ ସାଗର ସୈକତକୁ ସିଲ୍ କରାଯାଇଛି।

ଉଦୟପୁର, ତାଳସାରୀ, ଚନ୍ଦନେଶ୍ୱର, ସାହାବାଜିପୁରର ବିଭିନ୍ନ ହୋଟେଲ ଓ ଲଜ୍‌ରେ ଦେହ ବ୍ୟବସାୟ ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଗତ ଜୁଲାଇ ୧୦ତାରିଖରେ ସାହାବାଜିପୁର କିଆଗଡ଼ିଆ ମଠ ସମ୍ମୁଖ ସୁଭଦ୍ରା ଗେଷ୍ଟ ହାଉସରେ ଦେହ ବ୍ୟବସାୟରେ ଲିପ୍ତ ଥିବା ୨ବଙ୍ଗୀୟ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ପୂର୍ବରୁ ସାଗର କନ୍ୟା ହୋଟେଲରୁ ୬ ଯୁବତୀଙ୍କ ସହିତ ୬ ଗ୍ରାହକଙ୍କୁ ଗିରଫ କରାଯାଇଥିଲା। ଜଳେଶ୍ୱର ଷ୍ଟେଶନ ବଜାର ଏକ ହୋଟେଲରୁ ୩ଜଣ ଦେହ ବ୍ୟବସାୟୀଙ୍କୁ ମଧ ପୋଲିସ ଗିରଫ କରିଥିଲା। ଏତଦ୍‌ଭିନ୍ନ ଜଳେଶ୍ୱର ଜାତୀୟ ରାଜପଥରେ ଥିବା ହୋଟେଲ ଓ ଲଜ୍ ସହ ଭୋଗରାଇର ଚନ୍ଦନେଶ୍ୱର, ଲକ୍ଷ୍ମୀନାରାୟଣ ମନ୍ଦିର ଦକ୍ଷିଣ ପାର୍ଶ୍ୱ ଓ ବର୍ଡରରେ ଦେହ ବ୍ୟବସାୟ ଚାଲୁ ରହିଥିବା ଅଭିଯୋଗ ହୋଇଛି।

# ଅବସର ପରେ ବି ବଦଳି

ବାଲେଶ୍ୱର ଅଫିସ,୧୪।୧୨

ବାଲେଶ୍ୱର ସହକାରୀ ଜିଲାପାଳ ଭାବେ କାର୍ଯ୍ୟ କରୁଥିବା ଅଭୟ କୁମାର ନାୟକ ଗତ ନଭେମ୍ବର ୩୦ତାରିଖରେ ଅବସର ନେଇସାରିଛନ୍ତି। ଗତ ୧୩ତାରିଖରେ ପ୍ରକାଶ ପାଇଥିବା ଓଡ଼ିଶା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଅଦଳବଦଳ ତାଲିକାରେ ତାଙ୍କୁ ଭୋଗରାଇରେ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ ରାଜ୍ୟ ସରକାରଙ୍କ ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶା ରାଜ୍ୟସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଚିଠି (ନଂ. ଆର୍‌ଡ଼ିଏମ୍-ଜିଓଇଏ-ପିଜିଏମ୍‌ଏଲଏ-୦୦୧-୨୦୧୭-୩୯୮୫୫/ଆର୍ ଆଣ୍ଡ ଡିଏମ୍/୧୩-୧୨-୨୦୧୯)ରେ ରାଜସ୍ୱ ଅଧିକାରୀ ସ୍ତରରେ ଅଦଳବଦଳ ହୋଇଛି। ବିଡ଼ମ୍ବନା ହେଉଛି ଅବସର ନେଇସାରିଥିବା ଅଧିକାରୀଙ୍କୁ ମଧ ଏହି କ୍ରମରେ ବଦଳି କରାଯାଇଛି। ବାଲେଶ୍ୱର ସହକାରୀ ଜିଲାପାଳ ଥିବା ଅଭୟ ନାୟକଙ୍କୁ ଅତିରିକ୍ତ ତହସିଲଦାର ଭାବେ ଭୋଗରାଇକୁ ବଦଳି କରାଯାଇଛି। ଏ ବିଷୟରେ ନାୟକଙ୍କୁ ପଚାରିବାରୁ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରେମୁଣାର ଅତିରିକ୍ତ ତହସିଲଦାର ଥିବା ଅନିନ୍ଦିତା ଆଚାର୍ଯ୍ୟଙ୍କୁ ଭୁବନେଶ୍ୱର ଗୋଠପାଟଣାରେ ଥିବା ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ (ରୋଟି)ର ସହକାରୀ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ଔପଦାରେ ଅତିରିକ୍ତ ତହସିଲଦାର ଥିବା ହେମନ୍ତ କୁମାର ନାୟକଙ୍କୁ ବାଲେଶ୍ୱର ବୋର୍ଡ଼ ଅଫ୍ ରେଭିନ୍ୟୁରେ କୋର୍ଟ ଅଫିସର ଭାବେ ବଦଳି କରାଯାଇଛି।

### ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଖଇରା,୧୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ମାତୃ ସମ୍ମିଳନୀ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ପରିଚାଳନା କମିଟି ସଭାପତି କମଳାକାନ୍ତ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସୋର ସଂକୁଳ ପ୍ରମୁଖ ମଧୁସ୍ମିତା ବିଶ୍ୱାଳ ଯୋଗଦେଇ ମା’ମାନଙ୍କର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭ ଏବଂ ବୌଦ୍ଧ ଶ୍ରେଣୀରେ ପଢୁଥିବା ପିଲାମାନଙ୍କ ମା’ମାନଙ୍କ ମଧ୍ୟରେ ଝୋଟି, ମୁରୁଜ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ରାଧାକାନ୍ତ ପଣ୍ଡା, ସଭ୍ୟ ହରେକୃଷ୍ଣ ଶତପଥୀ ଓ ମହେଶ୍ୱର ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଆନନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁମା’ ଗୁରୁଜୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# କୃତୀ ଛାତ୍ରୀଛାତ୍ରଙ୍କୁ ଗଛ ଉପହାର



ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ଗଛ ଉପହାର ଦିଆଯାଉଛି।

ସିମୁଳିଆ,୧୪।୧୨(ଡି.ଏନ.ଏ.)

ସିମୁଳିଆ ବ୍ଲକ ମାର୍କୋଣା ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ୬୪ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଶନିବାର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୋହନ ଚରଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଶିକ୍ଷା ଓ କ୍ରୀଡ଼ାର ଉନ୍ନତି ହେଲେ ଶିକ୍ଷାନୁଷ୍ଠାନର ଉନ୍ନତି ଘଟିବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଉଦ୍ଦେଶ୍ୟ ମହତ ରହିଲେ ସବୁକିଛି ସୁନ୍ଦର ହୁଏ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ବିଡିଓ ଡ. ନରହରି ବେହେରା ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଇଚ୍ଛାଶକ୍ତି ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ଓ ଆତ୍ମ ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ। ଅତିଥି ରୂପେ ଶରତ ଚନ୍ଦ୍ର ମହାପାତ୍ରଙ୍କ ସମେତ ପୂର୍ବତନ ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷାକର୍ମୀ ଯୋଗ ଦେଇଥିଲେ। କ୍ରୀଡ଼ା ଚାମ୍ପିୟନ ରୂପେ ବରିଷ୍ଠ ବିଭାଗରେ ସୁରେନ୍ଦ୍ର ସିଂ ଓ ରଶ୍ମିତା ପରିଡା, କନିଷ୍ଠ ବିଭାଗରେ କାର୍ତ୍ତିକ ପାତ୍ରୀ ଓ ସଞ୍ଜିତା ସିଂ ପୁରସ୍କୃତ ହୋଇଥିଲେ। ସେହିପରି କୃତୀ ଛାତ୍ରୀଛାତ୍ର ରୁଦ୍ରାଭିଷେକ ଦାସ, ପ୍ରକୃତି ନାୟକ, ମନୋରଞ୍ଜନ ମହାନ୍ତି ଓ ତପସ୍ୱିନୀ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ମାନପତ୍ର, ଅର୍ଥ ରାଶି ସମେତ ଚନ୍ଦନ ଗଛ ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିବରଣୀ ପାଠ, କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥ ମଞ୍ଚ ସଞ୍ଚାଳନା ଓ ଶିକ୍ଷୟିତ୍ରୀ କାଞ୍ଚନ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ମନ, ଶରୀରକୁ ସୁସ୍ଥ ରଖେ କ୍ରୀଡ଼ା’

ବାଲେଶ୍ୱର ଅଫିସ, ୧୪।୧୨

ବାଲେଶ୍ୱର ମେଘଡ଼ମ୍ବରୁସ୍ଥିତ ମଡ଼ର୍ନ ପବ୍ଲିକ ସ୍କୁଲ ପରିସରରେ ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନ୍ କବ୍ବାବ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଏବଂ ପ୍ରତ୍ୟେକ ପିଲା କ୍ରୀଡ଼ାରେ ଅଂଶଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ।

ବିଦ୍ୟାଳୟ ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଯୋଗଦେଇ କ୍ରୀଡ଼ା କେବଳ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ ନାହିଁ, ଏହା ମନ ଉପରେ ମଧ ପ୍ରଭାବ ପକାଏ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ୧୦୦ ଓ ୨୦୦ ମିଟର ଦୌଡ଼, ସର୍ଟପୁଟ୍, ଲମ୍ଫଡ଼ିଆଁ ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଉପାଧକ୍ଷ ରବୀନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା କାର୍ଯ୍ୟ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

## ନାଗରିକତ୍ୱ ସଂଶୋଧନ ବିଲ୍ ନେଇ ରେଳ ଚଳାଚଳ ପ୍ରଭାବିତ
# ଅଟକି ରହିଲା ଟ୍ରେନ୍, ଯାତ୍ରୀ ହଇରାଣ

ଜଳେଶ୍ୱର, ୧୪।୧୨(ଡି.ଏନ.ଏ.)

ନାଗରିକତ୍ୱ ସଂଶୋଧନ ବିଲ୍ ନେଇ ଉତ୍ତର ପୂର୍ବାଞ୍ଚଳରେ ଚାଲିଥିବା ଆନ୍ଦୋଳନର ପ୍ରଭାବ ଏବେ ପଶ୍ଚିମବଙ୍ଗରେ ଜୋର ଧରିବାରେ ଲାଗିଛି। ଫଳରେ ବିଭିନ୍ନ ଜାଗାରେ ପୋଡ଼ାଜଳା ଆରମ୍ଭ ହୋଇଛି। ତା’ର ପ୍ରଭାବ ଓଡ଼ିଶାରେ ମଧ ପରିଲକ୍ଷିତ ହୋଇଛି। ବିକ୍ଷୋଭକାରୀମାନେ ଦକ୍ଷିଣ-ପୂର୍ବ ରେଳପଥର ମେଛେଦା ଓ ସାନ୍ତ୍ରାଗାଛି ରେଳଷ୍ଟେଶନ ମଝିରେ ଥିବା ସାଂକ୍ରାଇଲ ରେଳ ଷ୍ଟେଶନରେ ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇ ଦେଇଥିଲେ। ଫଳରେ ହାଓଡ଼ା ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକ ଓଡିଶାର ବିଭିନ୍ନ ଷ୍ଟେଶନରେ ଅଟକି ରହିଛି। ମଧ୍ୟାହ୍ନ ୧୨ଟା ୧୦ମିନିଟ୍‌ରୁ ଜଳେଶ୍ୱରଠାରେ ନଂ. ୨୨୮୩୨ ପ୍ରଶାନ୍ତି-ହାଓଡା ଶ୍ରୀ ସତ୍ୟସାଇ ଏକ୍ସପ୍ରେସ୍ ଟ୍ରେନ ଅଟକି ରହିଥିବା ବେଳେ ଭଞ୍ଜନଗର-ସାଲିମାର ଏକ୍ସପ୍ରେସ୍ ବେଲଦା ଷ୍ଟେଶନ ଓ ହାଇଦ୍ରାବାଦ-ହାଓଡା ଇଷ୍ଟକୋଷ୍ଟ ଏକ୍ସପ୍ରେସ ବାଲେଶ୍ୱରଠାରେ ଅଟକି ରହିଥିଲା। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଥିଲା। ଖଡ଼ଗପୁରରୁ ହାଓଡା ଯିବାକୁ ଅସୁବିଧା ରହିଥିବା ବେଳେ ଯେଉଁ ଯାତ୍ରୀମାନେ ଖଡଗପୁରରୁ ହିଜିଲି ଷ୍ଟେଶନ ଦେଇ ବିହାର, ଝାଡ଼ଖଣ୍ଡ ଓ ଦିଲ୍ଲୀ ଯିବା ପାଇଁ ରହିଥିଲେ ସେମାନଙ୍କୁ ଲୋକାଲ ପାସେଞ୍ଜର ଟ୍ରେନ ଯୋଗେ ଖଡ଼ଗପୁର ଯାଏ ପଠାଇବାର ବ୍ୟବସ୍ଥା ରେଲୱେ ତରଫରୁ କରାଯାଇଥିଲା। ଫଳରେ କେତେକ ଯାତ୍ରୀ ଚାଲିଯାଇଥିଲେ।





ଅଟକି ରହିଥିବା ଟ୍ରେନ୍।

## ସଂକ୍ଷେପରେ

### 'ସଫଳତାର ଶୀର୍ଷରେ ପହଞ୍ଚାଏ ନିଷ୍ଠା, ଏକାଗ୍ରତା'

**ସଜନାଗଡ଼, ୧୪।୧୨(ଡି.ଏନ.ଏ.):** ନୀଳଗିରି ବ୍ଲକ ରାଜବରହମ୍ପୁରସ୍ଥିତ ଦୀନବନ୍ଧୁ ନୋଡ଼ାଲ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଷ୍ଠା ଓ ଏକାଗ୍ରତା ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଉଦ୍‌ଘାଟନୀ ଦିବସରେ ସଭାପତିତ୍ୱ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ଗୋଲ୍ଡ ମେଡ଼ାଲିଷ୍ଟ ତଥା ଝାଡ଼େଶ୍ୱର ଯୁକ୍ତ ୨ କଲେଜର ଅଧ୍ୟାପକ ଚିତ୍ତରଞ୍ଜନ କୁଣ୍ଡୁ ଯୋଗ ଦେଇଥିଲେ। ବରହମ୍ପୁର ପଞ୍ଚାୟତର ସମିତିସଭ୍ୟ କୃତିବାସ ବେହେରା, ସାଇ ସାଧନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ୍ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନୀଲ୍ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ରେମୁଣା, ୧୪।୧୨(ଡି.ଏନ.ଏ.):** ରେମୁଣା ବ୍ଲକ ଶେରଗଡ଼ ପଞ୍ଚାୟତସ୍ଥିତ ଭୂଇଁପଡ଼ା (ସାଆନ୍ତା) ଗ୍ରାମରେ ଥିବା ଗଙ୍ଗାଧର ପ୍ରସାଦ ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ୧୯୭୮ରେ ଗଙ୍ଗାଧର ସେନାପତିଙ୍କ ଅନୁଦାନକ୍ରମେ ସ୍ଥାପିତ ହୋଇଥିଲା। ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀପକ ମାଲଦାସ, ଶିକ୍ଷକ ରତ୍ନାକର ପାଣିଗ୍ରାହୀ, ଗୋକୁଳାନନ୍ଦ ପଣ୍ଡା, ଶିକ୍ଷୟିତ୍ରୀ ତୃପ୍ତିଲତା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ସାହୁ ଓ ହରପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ୩୩ଟି ବ୍ୟାଚ୍ ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ବିଶ୍ୱର ଆଦି ଭାଷା ସଂସ୍କୃତ

**ବାଲେଶ୍ୱର ଅଫିସ, ୧୪।୧୨**

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗତ ଗୁରୁବାର ଲୋକସଭାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଲ୍ ଉପରେ ଆଲୋଚନା ସମୟରେ ସଂସ୍କୃତ ଭାଷାରେ ନିଜ ବକ୍ତବ୍ୟ ରଖିଥିଲେ। ସଂସ୍କୃତ ଭାଷାକୁ ବିଶ୍ୱର ଆଦି ଭାଷା ଭାବେ ବର୍ଣ୍ଣନା କରି ସେ ସଂସ୍କୃତ ଶ୍ଳୋକ ଓ ଦୃଷ୍ଟାନ୍ତ ମାଧ୍ୟମରେ ମତ ଉପସ୍ଥାପନ କରିବାରୁ ସାରା ଗୃହ କମ୍ପି ଉଠିଥିଲା। ବହୁ ସଦସ୍ୟ ତାଙ୍କ ବକ୍ତବ୍ୟକୁ ସମର୍ଥନ ଜଣାଇ ତାଳି ମାଡ କରିଥିଲେ। କେନ୍ଦ୍ରରାଷ୍ଟ୍ର ମନ୍ତ୍ରୀ ଷଡଙ୍ଗୀ କହିଥିଲେ, ସଂସ୍କୃତ କେବଳ ଭାରତର ନୁହେଁ, ଏହା ସମଗ୍ର ବିଶ୍ୱରେ ପ୍ରଚଳିତ ସମସ୍ତ ଭାଷାର ଜନନୀ। 'ପିତା' ଶବ୍ଦକୁ

**କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କ ସଂସ୍କୃତ ଭାଷଣରେ କମ୍ପିଲା ସଂସଦ**



ଲୋକ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜର ମତ ରଖୁଛନ୍ତି।

'ଫାଦର', 'ମାତା' ଶବ୍ଦକୁ 'ମଦର', 'ଭ୍ରାତା' ଶବ୍ଦକୁ 'ବ୍ରଦର', 'ମାନବ' ଶବ୍ଦକୁ 'ମ୍ୟାନ', 'ନାମ' ଶବ୍ଦକୁ 'ନେମ' ବିଦେଶରେ ବ୍ୟବହାର ହେଉଥିବା ଏମିତି ଅନେକ ଶବ୍ଦ ରହିଛି ଯାହା ସଂସ୍କୃତ ଶବ୍ଦରୁ ଜାତ ହୋଇଛି। ଗ୍ରୀକ୍, ଲାଟିନ୍ ଓ ଆଂଗ୍ଲୋ ଭଳି ପାଶ୍ଚାତ୍ୟ ଭାଷା ସହ ଭାରତର ମୂଳ ଭାଷା ସଂସ୍କୃତର ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ସେ ତାଙ୍କ ବକ୍ତବ୍ୟରେ ବେଦରୁ ଉପନିଷଦ, କାଶ୍ମୀରରୁ କନ୍ୟାକୁମାରୀ ଯାଏ ବିଭିନ୍ନ ତଥ୍ୟର ଅବତାରଣା କରି ସଂସ୍କୃତ ଭାଷା ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସେ ଆହୁରି କହିଥିଲେ, ସଂସ୍କୃତ ହେଉଛି ଭାରତର ପ୍ରାଣ ବିନ୍ଦୁ। ସଂସ୍କୃତ ବିନା ଭାରତବର୍ଷର କଳ୍ପନା କରିବା ଅସମ୍ଭବ। ଏଥିଲାଗି ସମସ୍ତେ ସଂସ୍କୃତ ଓ 'ପାଣିନି ବ୍ୟାକରଣ' ପଢ଼ିବାର ଆବଶ୍ୟକତା ରହିଛି। ଏହି ଭାଷା ସାରା ବିଶ୍ୱରେ ଗ୍ରହଣୀୟ ବୋଲି ସେ କହିଥିଲେ। ପ୍ରତାପ ଅନର୍ଗଳ ଭାବେ ସଂସ୍କୃତ ଭାଷାରେ ବକ୍ତବ୍ୟ ରଖି ଶ୍ଳୋକ ଉଚ୍ଚାରଣ କରିବା ସମୟରେ ଗୃହର ସମସ୍ତ ସଦସ୍ୟ ଏକାଗ୍ରତାର ସହ ତାଙ୍କ ଭାଷଣ ଶୁଣୁଥିବା ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ଷଡଙ୍ଗୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ନେଇ ଗୃହରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କ ହେବା ବେଳେ ସେ ସଂସ୍କୃତ ଭାଷାରେ ଓଡ଼ିଶାର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର ଗାଥା ଉପସ୍ଥାପନ କରି ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲେ।

## କ୍ରୀଡ଼ା ପ୍ରତିଯୋଗିତା



ଫୁଟବଲ ମ୍ୟାଚରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ଖଇରା, ୧୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମ ଅନ୍ତେବାସୀଙ୍କ ମଧ୍ୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡା ଉତ୍ସବରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଯୋଗ, ଫୁଟବଲ, କବାଡି, ଶଟପୁଟ, ଗଣିତ ଦୌଡ, ଆଳୁ ଦୌଡ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅଜୟ ପ୍ରଧାନ, ହୃଷୀକେଶ ବେହେରା, ଗଙ୍ଗାଧର ଦଳେଇ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଞ୍ଚାଳକ ଗଣେଶାନନ୍ଦଜୀ ମହାରାଜଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆସନ୍ତା ଡିସେମ୍ବର ୨୨ତାରିଖରେ ଶାରଦା ମା'ଙ୍କ ଜନ୍ମୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସଞ୍ଚାଳକ ସୂଚନା ପ୍ରଦାନ କରିଛନ୍ତି।

## ଶିଶୁ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା




ଶିଶୁ ଉତ୍ସବରେ ମଞ୍ଚାସୀନ ଅତିଥି।

**ବସ୍ତା, ୧୪।୧୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ଓଷ୍ଟା ଆନୁକୂଲ୍ୟରେ ୩୮ତମ ଶିଶୁ ଉତ୍ସବ ରାଧାନାଥ ଉଚ୍ଚବିଦ୍ୟାଳୟ ପାଉଁଶକୁଲିଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନର ସଭାପତି ମନୋଜ କୁମାର ସାମଲ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଇନ୍ଦୁମାଧବ ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ପ୍ରାଇଡ୍ ଅଧ୍ୟକ୍ଷ ମାନସ ଦାସ, ଅତିଥି ଭାବେ ରମେଶ ଚନ୍ଦ୍ର ନାୟକ, ସୃଷ୍ଟିଧର ପାତ୍ର, ପ୍ରସନ୍ନ ପାତ୍ର ଓ ବ୍ରଜମୋହନ ମିଶ୍ର, ଅଜିତ ସାହୁ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ସମ୍ପାଦକ ଶ୍ରୀପତି ଚରଣ ପାତ୍ର ବିବରଣୀ ଉପସ୍ଥାପନ କରିଥିଲେ। ପରମାନନ୍ଦ ପ୍ରଧାନ ଅତିଥି ପରିଚୟ ସହିତ ମଞ୍ଚ ଆହ୍ୱାନ ଓ ତାପସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ୨୨୮ ଜଣ ପ୍ରତିଯୋଗୀ ତର୍କ, କଣ୍ଠ ସଂଗୀତ, କୁଇଜ୍, ଗଳ୍ପ ଲିଖନ, କବିତା ରଚନା, ଆବୃତ୍ତି, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ବିଷୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷାକର୍ମୀ ଦେବେନ୍ଦ୍ର ନାଥ ପାଳ, ପୂର୍ଣ୍ଣଚନ୍ଦ୍ର ବାରିକ, ସତ୍ୟନାରାୟଣ ସିଠ, ଭାନୁଚରଣ ପଣ୍ଡା, ବରେନ୍ଦ୍ର ନାଥ ସିଂ, ଗୋବିନ୍ଦ ଚରଣ ଜେନାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ବାଞ୍ଛାନିଧି ସାହୁ, ହରିବାସ ଦାସ, ତୃପ୍ତି ରାଉତ, ପରମାନନ୍ଦ ପ୍ରଧାନ, ବେଣୁଧର ନନ୍ଦୀ, ସନ୍ତୋଷ ସାହୁ, ସୁଦାମ ନାୟକ, ପ୍ରଭାସ ଦାସ, କରୁଣାକର ବାରିକ, ତାପସ ଦାସ, ଗୌରାଙ୍ଗ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ପୋଲ, ରାସ୍ତା ନିର୍ମାଣ ଅନୁଧ୍ୟାନ କଲେ ଅଧିକାରୀ

**ବସ୍ତା, ୧୪।୧୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ଗାନ୍ଧି ଛକରୁ ବସ୍ତା ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତାର ବସ୍ତା ଛକ ନିକଟରେ ଏକ ବ୍ରିଟିଶ ଅମଳର ପୋଲ ଭାଙ୍ଗିଯିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ନୂତନ ପୋଲ ନିର୍ମାଣ ସହିତ ରାସ୍ତା ନିର୍ମାଣ କାମ ଚାଲିଛି। ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଥିଲା। ରାସ୍ତା କାମ ନ ସରୁଣୁ ପିଚୁ ଉଠିଯିବା, ପୋଲରେ ଫାଟ, ଠିକ୍ ଭାବେ ପଥର ପ୍ୟାଚିଂ ନ ହେବା, କାର୍ଯ୍ୟ ନ ସରୁଣୁ ଉଇଙ୍ଗ ୱାଲ କ୍ଷତିଗ୍ରସ୍ତ ହେବା ଘଟଣା ସାମ୍ନାକୁ ଆସିଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଏହି ବିଭାଗର ବରିଷ୍ଠ ଅଧିକାରୀମାନେ ନିର୍ମାଣସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ମାତ୍ର ଏ ନେଇ ବିଭାଗୀୟ ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଛାତ୍ରୀଙ୍କୁ କମେଣ୍ଟ ମାରିବା ନେଇ ଅଶାନ୍ତି

**ଭୋଗରାଇ, ୧୪।୧୨(ଡି.ଏନ.ଏ.)**

**କ୍ଷମା ମାଗିଲେ ଛାତ୍ର**

ବାଲେଶ୍ୱର ଜିଲା ଭୋଗରାଇ ଆରଆଇଏଚଏସ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ କମେଣ୍ଟ ମାରିବା ନେଇ ଶୁକ୍ରବାର କଲେଜ ପରିସର ଅଶାନ୍ତ ହୋଇପଡିଥିଲା। ଏହାର ପ୍ରତିବାଦ କରି ବହୁ ଛାତ୍ରୀଛାତ୍ର କଲେଜର ମୁଖ୍ୟଫାଟକ କିଛି ସମୟ ବନ୍ଦ କରି ଆନ୍ଦୋଳନ କରିଥିଲେ। ଛାତ୍ରୀମାନେ ମିଳିତ ହୋଇ କମେଣ୍ଟ ମାରିଥିବା ଛାତ୍ରଙ୍କୁ କଲେଜରୁ ବହିଷ୍କାର ଓ କ୍ଷମା ପ୍ରାର୍ଥନା କରିବା ପାଇଁ ଅଡ଼ି ବସିଥିଲେ। କଲେଜ ଅଧ୍ୟକ୍ଷ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ପରେ ଅଧ୍ୟକ୍ଷ ସୁଶୀଲ କୁମାର ଗିରିଙ୍କ ସହିତ ଅଧ୍ୟାପିକା ଓ ଅଧ୍ୟାପକମାନେ କମେଣ୍ଟ ମାରିଥିବା ଛାତ୍ର ଓ ଅଭିଯୋଗକାରୀ ଛାତ୍ରୀଙ୍କ ସହିତ ଆପୋସ ବୁଝାମଣା କରିଥିଲେ। ପରେ ଛାତ୍ରଜଣକ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରିବାରୁ କଲେଜ ପରିସର ଶାନ୍ତ ପଡ଼ିଥିଲା।

ଏହି କଲେଜରେ ଯୁକ୍ତ ୩ ବାଣିଜ୍ୟ ବିଭାଗର ପ୍ରଥମବର୍ଷ ଛାତ୍ର ଯୁକ୍ତ ୩ ଦ୍ୱିତୀୟବର୍ଷ କଳା ବିଭାଗର ଜଣେ ଛାତ୍ରୀଙ୍କୁ ପ୍ରଥମେ ପ୍ରେମ ନିବେଦନ କରି ବିଫଳ ହେବା ପରେ କମେଣ୍ଟ ମାରିଥିଲେ। ଛାତ୍ରୀ ଜଣକ ଅତିଷ୍ଠ ହୋଇ ଘରେ ଓ ତାଙ୍କ ସାଥୀମାନଙ୍କୁ ଏ ବିଷୟରେ ଜଣାଇଥିଲେ। ଏମିତି ବାରମ୍ବାର ଯିବା ଆସିବା ରାସ୍ତାରେ ଛାତ୍ରଜଣକ ଅନ୍ୟ ସାଙ୍ଗମାନଙ୍କୁ ନେଇ କମେଣ୍ଟ ମାରିବାରୁ ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କଠାରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ଏ ସମ୍ପର୍କରେ ଛାତ୍ରଙ୍କୁ ପଚାରିବାରୁ ଭୁଲ ହୋଇଛି ବୋଲି ସ୍ୱୀକାର କରିଥିଲେ। ଶୁକ୍ରବାର ପୁଣି ଏହି ଛାତ୍ର ଜଣକ ସମ୍ପୃକ୍ତ ଛାତ୍ରୀଙ୍କୁ କମେଣ୍ଟ ମାରି ଧମକାଇବାରୁ ଅନ୍ୟ ଛାତ୍ରୀଛାତ୍ରମାନେ ପ୍ରତିବାଦ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବାସୁଦେବପୁର, ୧୪।୧୨(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଚୁଡ଼ାମଣି ପଞ୍ଚାୟତ ଶ୍ରୀଶ୍ରୀ କ୍ଷେମେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ୩୮ତମ ବାର୍ଷିକ ଗୀତାଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସୋମବାର ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ ହୋଇଥିବାବେଳେ ଗୀତାପାଠ, ଯଜ୍ଞ ସମେତ ପ୍ରତ୍ୟହ ଆଧ୍ୟାତ୍ମିକ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀର ସୁବକ୍ତା ତଥା ପ୍ରବଚକ ଶୁଭ୍ରାଂଶୁ ଶେଖର ପଣ୍ଡା ଓ ସଂଗ୍ରାମ ଆଚାର୍ଯ୍ୟ ତିନିଦିନ ଧରି ଦିବ୍ୟ ପ୍ରବଚନ ଗୀତାଜ୍ଞାନ ସମ୍ପର୍କରେ ଶ୍ରଦ୍ଧାଳୁଙ୍କୁ ଶୁଣାଇଥିଲେ। ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶ୍ରୀଶ୍ରୀ କ୍ଷେମେଶ୍ୱର ମହାଦେବ ଗୀତାପାଠ ଚକ୍ର ମଣ୍ଡଳୀର ସଭାପତି ନିର୍ମଳ ଚନ୍ଦ୍ର ବେହେରା ଓ ସମ୍ପାଦକ ଗଜେନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ମହାଯଜ୍ଞ ସମାପିତ ହୋଇଛି।

## 'ନାଗରିକତ୍ୱ ସଂଶୋଧନ ଆଇନ ସମ୍ବିଧାନର ଢାଞ୍ଚାକୁ ଦୋହଲାଇ ଦେଇଛି'

**ଭଦ୍ରକ ଅଫିସ, ୧୪।୧୨**

ସର୍ବଭାରତୀୟ ଆଇନଜୀବୀ ୟୁନିଅନ (ଏଆଇଏଲ୍‌ୟୁ) ଭଦ୍ରକ ଜିଲା ଶାଖାର ୨ୟ ସମ୍ମିଳନୀ ଶନିବାର ବାର୍ ହଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘର ସନ୍ତୋଷ ନାୟକ ଅଧ୍ୟକ୍ଷତା କରିଥିଲେ। ୟୁନିଅନର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ଦୀପକ ମହାପାତ୍ର ଯୋଗଦେଇ ପାର୍ଲାମେଣ୍ଟରେ ରାଜନୈତିକ ସଂଖ୍ୟାଗରିଷ୍ଠତାର ବିଶାଳ ତଫାତ୍ ଦେଶରେ ନ୍ୟାୟପାଳିକାକୁ ସଙ୍କଟରେ ପକାଇଛି ବୋଲି କହିଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ଦେଶର ସମ୍ବିଧାନର ଢାଞ୍ଚାକୁ ଦୋହଲାଇ ଦେଇଥିବା ସେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ନିରାକର ଜେନା, ପର୍ଶୁରାମ ଦ୍ୱିବେଦୀ, ଦିବ୍ୟସିଂ ନାୟକ, ଗିରିଧାରୀ ନାଥ, ସଭାପତି ଦିଲୀପ ମହାପାତ୍ର ଓ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏକ ନୂତନ ୨୧ ଜଣିଆ ଜିଲା କମିଟି ଗଠନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସନ୍ତୋଷ ନାୟକ ସଭାପତି ଓ ରାଧା ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଆଇନଜୀବୀ ବିକାଶ ନାଥ ଧନ୍ୟବାଦ ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳିକୁ ପ୍ରତିବାଦ କଲେ ଛାତ୍ରୀଛାତ୍ର

**ପଦ୍ମପୁର, ୧୪।୧୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଲୁଙ୍ଗାର ଶ୍ରୀଧର ଏକାଦଶୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବଦଳିକୁ ପ୍ରତିବାଦ କରି ଛାତ୍ରୀଛାତ୍ର ଶନିବାର ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ଦୀର୍ଘଦିନ ଧରି ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ନାହାନ୍ତି। ଏପରି ପରିସ୍ଥିତିରେ ଦୁଇଦିନ ତଳେ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନଙ୍କର ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ସୁବାସ ଆଚାର୍ଯ୍ୟ ପହଞ୍ଚି ଅସୁବିଧା ସମ୍ପର୍କରେ ବିଇଓଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଶିକ୍ଷକଙ୍କ ଡେପୁଟେଶନ ବାତିଲ ଦାବିରେ ଧାରଣା

**ଭଣ୍ଡାରିପୋଖରୀ, ୧୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଗନ୍ନାଥପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ମହାଲିକଙ୍କୁ ଡେପୁଟେଶନରେ କୋରକରା ପଣସା ବିଦ୍ୟାଳୟକୁ ନିଆଯାଇଛି। ଏହାକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରି ଶନିବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଶନିବାର ଥିବାରୁ ଘଟଣାସ୍ଥଳକୁ କେହି ବିଭାଗୀୟ ଅଧିକାରୀ ଆସି ନ ଥିବା ଜାଣିବାକୁ ମିଳିଛି।

ଏହି ସ୍କୁଲରେ ୧ମରୁ ୮ମ ପର୍ଯ୍ୟନ୍ତ ୧୯୧ ଜଣ ପିଲା ଅଧ୍ୟୟନ କରୁଛନ୍ତି। ୬ଜଣ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଗତ ୧୩ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷକ ମହାଲିକଙ୍କୁ ଡେପୁଟେଶନରେ ପଠାଯାଇଛି। ଫଳରେ କମ୍ ଶିକ୍ଷକ ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ ହୋଇଛି। ଉକ୍ତ ଶିକ୍ଷକଙ୍କ ଡେପୁଟେଶନ ବାତିଲ କରା ନ ଗଲେ ଆସନ୍ତା ସୋମବାର ଅର୍ଥାତ୍ ୧୬ ତାରିଖଠାରୁ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଅଭିଭାବକ ଓ ପରିଚାଳନା କମିଟି ସଭାପତି ଅଶୋକ ମଳିକ, ପ୍ରକାଶ ମଳିକ, ସୁଧାକର ସେଠୀ, ଅଲେଖ ମଳିକ, ଅନନ୍ତ ମଳିକ, ସୁବାସ ମଳିକ, ଧରଣୀଧର ମଳିକ, ମିର ମୋଇଦ୍ଦିନ, ଶାନ୍ତିଲତା ମଳିକ, ଅମ୍ବିକା ମଳିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ପଚାରିବାରୁ କହିଛନ୍ତି, ଉକ୍ତ ସ୍କୁଲରେ ତାଲା ପକାଇ ଧାରଣା ଦେବା ଘଟଣା ବିଷୟରେ ତାଙ୍କ ପାଖରେ କିଛି ଖବର ନାହିଁ। ଶନିବାର ଥିବାରୁ ଅଫିସ ଛୁଟି। ତେବେ ସେ ଏ ବାବଦରେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ କଥା ହେବେ।



ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକ ଧାରଣା ଦେଇଛନ୍ତି।

# ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା

**ବନ୍ତ, ୧୪।୧୨(ଡି.ଏନ.ଏ.)**

ବନ୍ତ ବ୍ଲକ ଟିଲୋ ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶନିବାର ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବ୍ୟାନର, ପ୍ଲାକାର୍ଡ ଧରି ଶକ୍ତିକୁ ବଞ୍ଚାଇ ରଖିବା, ଶକ୍ତିର ଅପଚୟ ନ କରିବା ଓ ଶକ୍ତି ସଂରକ୍ଷଣ କରି ପ୍ରଦୂଷଣ ହ୍ରାସ କରିବା ଆଦି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଆୟୋଜିତ ସଚେତନତା ସଭାରେ ଶକ୍ତିକୁ ସଂରକ୍ଷଣ କରାଯାଇ ସୁସ୍ଥ ପୃଥିବୀ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରୋଦ କୁମାର ଜେନା, ସଭ୍ୟ ନିରଞ୍ଜନ ଲେଙ୍କା, ଶିକ୍ଷୟିତ୍ରୀ ଅଲିଭା ପଣ୍ଡା, ବସୁନ୍ଧରା ଜେନା, ବାସନ୍ତୀ ଜେନା, ଉଷାଲତା ମହାପାତ୍ର, ଗୌରୀବାଳା ପାତ୍ର, ମୌନାବତୀ ସାମଲ, ସୁମିତ୍ରା ବେହେରା, ଅନିମା ଜେନା, ଶିକ୍ଷକ ଧନେଶ୍ୱର ଜେନା, ଗୌତମ ନାୟକ, କର୍ମଚାରୀ ପ୍ରଫୁଲ୍ଲ ବାରିକ ଓ ସନ୍ତୋଷ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ

**ଚାନ୍ଦବାଲି, ୧୪।୧୨(ଡି.ଏନ.ଏ.)**

ଚାନ୍ଦବାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନୋଜ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଦୋଳମଣ୍ଡପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ମହାଳିକ, ମୁଖ୍ୟବକ୍ତା ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଶକ୍ତି ସଂରକ୍ଷଣ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁବାସ ସେଠୀ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଲୋପାମୁଦ୍ରା ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ପଣ୍ଡା, ମିନାକ୍ଷୀ ସାହୁ, ମାନସୀ ଦାଶ, କନକଲତା ବଳ, ରତ୍ନମଞ୍ଜରୀ ରାୟ, ଦିଲୀପ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ାରେ ୧୭୦ ପ୍ରତିଯୋଗୀ

**ଆରଡ଼ି, ୧୪।୧୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ଆଖଣ୍ଡଳମଣି ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କହ୍ନେଇ ଚରଣ ବିଳାସ ଓ ଧୁଷୁରୀ ଥାନା ଏଏସ୍‌ଆଇ ଧୃତରାଷ୍ଟ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ସ୍ୱାଧୀନ ଦାସ ଓ ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାହିଣୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର ନିୟମାବଳୀ ମାନିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବୋଡକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଶାନ୍ତ ବିଶ୍ୱାଳ ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ୧୭୦ ପ୍ରତିଯୋଗୀ ଭାଗ ନେଇଥିଲେ। ଶିକ୍ଷକ ବିଭୂତି ବିଶ୍ୱାଳ, ଶିକ୍ଷୟିତ୍ରୀ ଲିପାରାଣୀ ପାଢୀ, ଶ୍ୱେତପଦ୍ମା ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ବେହେରା, ବନିତା ବାରିକ ପ୍ରମୁଖ ସହଯୋଗ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ସଂକ୍ଷେପରେ

### କନିଅରଫଳ ଖାଇ ମହିଳାଙ୍କ ଆତ୍ମହତ୍ୟା

କେନ୍ଦୁଝର,୧୪।୧୨ ( ସ୍ୱ.ପ୍ର.)- ଘଟଗାଁ ବ୍ଲକ ପଣ୍ଡାପଡ଼ା ଥାନା ପଟିଲ ଗ୍ରାମର ସରସ୍ୱତୀ ପଲେଇ(୪୫) ନାମ୍ନୀ ଜଣେ ମହିଳା କନିଅର ଫଳ ଖାଇବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ କନିଅର ଫଳକୁ ଶିଳରେ ବାଟି ଖାଇଦେଇଥିଲେ। ତାଙ୍କର ପୁଅ ଅଟୋ ଚଲାଉଥିବାବେଳେ ଘରକୁ ଆସିଦେଖିଲା ବେଳକୁ ତାଙ୍କ ମା' ଅଚେତ ହୋଇ ପଡ଼ିଥିଲେ। ପରେ ତାଙ୍କ ମା' କନିଅର ଫଳ ଖାଇଥିବା ଜାଣିବାକୁ ପାଇ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ନେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପଣ୍ଡାପଡ଼ା ପୋଲିସ ପହଞ୍ଚି ଏହାର ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା ବୋଲି ତାଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି।

### ଡମ୍ପର ଚୋରି

ଯୋଡ଼ା, ୧୪।୧୨(ଡି.ଏନ.ଏ.)- ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଅଞ୍ଚଳରୁ ଏକ ଡମ୍ପର ଚୋରି ହୋଇଥିବା ନେଇ ଶୁକ୍ରବାର ବାମେବାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଜୁରୁଡି ଅଂଚଳର ଏମ.ଡି. ମୋହିନ୍ ଅନସାରୀ ନିଜର ଡମ୍ପର ନଂ ଓଆର୦୯ଜେ ୮୧୬୩ ଟିକୁ ଗତ ୧୦ ତାରିଖରେ ବୁଧବାର ରାତିରେ ଜୁରୁଡିଠାରେ ତାଙ୍କ ଘର ନିକଟରୁ କିଛି ଦୂରରେ ରଖିଥିଲେ । ମାତ୍ର ପରଦିନ ସକାଳେ ଉକ୍ତ ସ୍ଥାନରେ ଡମ୍ପରଟି ନ ଥିବା ଦେଖି ସେ ହତବାକ୍ ହୋଇପଡିଥିଲେ । ପରେ ବହୁ ଖୋଜାଖୋଜି ପରେ ନ ପାଇବାରୁ ବୁଧବାର ଡମ୍ପର ମାଲିକ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବାମେବାରୀ ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

ହାଟଡିହୀ,୧୪।୧୨(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ମତାବାଜ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଆଦ୍ୟାଶା ଶଙ୍ଖୁଆ ପ୍ରଥମ, ସୋସୋ ନୋଡାଲ ବିଦ୍ୟାଳୟର ଦୀପ୍ତିମୟୀ ସିଂ ୨ୟ, ମତାବାଜ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁରନ ସା ୩ୟ, ବଞ୍ଚୋ ସେଣ୍ଟର ପ୍ରାଥମିକ ବିଦ୍ୟାଳୟର ଶୁଭଦର୍ଶିନୀ ବରାଳ ୪ର୍ଥ ହୋଇଛନ୍ତି। ଏନେଇ ବିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ସଚେତନ ଦିବସ

ଚମ୍ପୁଆ,୧୪।୧୨(ଡି.ଏନ.ଏ)-ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆଧାରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ରାଜ୍ୟ ଶକ୍ତି ବିଭାଗ ଆନୁକୂଲ୍ୟରେ ବିଦ୍ୟୁତ୍ ବିଭାଗ ଚିଫ୍ ଇଞ୍ଜିନିୟର ଓଡିଶା ଏବଂ ଫରେଷ୍ଟ ଆଣ୍ଡ ଏନଭାଇରମେଣ୍ଟ ବିଭାଗର ମିଳିତ ଉଦ୍ୟମରେ ଶନିବାର ଏହା ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ଶକ୍ତି ସଂରକ୍ଷଣ ସମନ୍ଧୀୟ ସ୍ଲୋଗାନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଚମ୍ପୁଆ ସହର ପରିକ୍ରମା କରିଥିଲେ। ଏହି ସଚେତନତା ରାଲି ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲକ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

### ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ

ତେଲକୋଇ, ୧୪।୧୨(ଡି.ଏନ.ଏ.)- ତେଲକୋଇ ବିଧାୟକ ତଥା ରାଜ୍ୟ ଦକ୍ଷତା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ଶନିବାର ଅଚାନକ ତାଳପଦା ପଞ୍ଚାୟତକୁ ଗସ୍ତ କରିଥିଲେ। ତାଳପଦା ପଞ୍ଚାୟତ ସହିତ ଖୁଣ୍ଟାପଡା ପଞ୍ଚାୟତ ଅଧୀନ ମଧୁସୁଦନପୁର ଆଦିବାସୀ ବିଦ୍ୟାଳୟ ପହଞ୍ଚି ମଧ୍ୟାହ୍ନ ଭୋଜନର ମାନ ସମୀକ୍ଷା କରିଥିଲେ। ଅପରାହ୍ନ ତାଳପଦା ପଞ୍ଚାୟତବାସୀଙ୍କ ରାସ୍ତା ପାନୀୟଜଳ ସମସ୍ୟା, ସ୍ୱାସ୍ଥ୍ୟସେବା ସମୀକ୍ଷା କରିବା ପରେ ଭାଜପାର ୩୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳ ବିଜେଡିରେ ସାମିଲ ହୋଇଥିବା ବେଳେ ୧୯ନଂ ଜୋନରେ ଜିଲା ପରିଷଦ ବିନୟ କୁମାର ସାହୁଙ୍କ ଉପସ୍ଥିତିରେ ଭାଜପା କର୍ମୀ ମାନେ ବିଜେଡିରେ ସାମିଲ ହୋଇଥିବା ଜଣାପଡିଛି ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

କେନ୍ଦୁଝର,୧୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦୈତାରୀ ଥାନା ଅନ୍ତର୍ଗତ ରେବଣା ଗ୍ରାମ ଛକ ନିକଟରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଡବର ମାଝି (୨୭)। ତାଙ୍କୁ ହତ୍ୟା କରାଯିବାର କାରଣ ଜଣା ପଡିନାହିଁ । ହତ୍ୟାକାରୀ ଫେରାର ଥିବା ପୋଲିସ କହିଛି । ଶନିବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କେହି ଦୁର୍ବୃତ୍ତ ଡବରଙ୍କ ମୁଣ୍ଡ ଓ ମୁହଁକୁ ପଥରରେ ଛେଚି ଏଭଳି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ଯେ ତାଙ୍କୁ ଚିହ୍ନିବା ସମ୍ଭବ ହୋଇ ନ ଥିଲା। ଡବରଙ୍କ ପୋଷାକରୁ ପରିବାର ଲୋକ ତାଙ୍କୁ



ଘଟଣାସ୍ଥଳରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ଚିହ୍ନି ଥିଲେ । ପାରିପାର୍ଶ୍ୱିକ ଅବସ୍ଥାରୁ ଏକାଧିକ ଲୋକ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ହରିଚନ୍ଦନପୁର ହାଟକୁ ଡବର ଓ ତାଙ୍କ ପୁତୁରା କାହ୍ନୁ ଯାଇଥିଲେ। ସେଠାରୁ ଫେରିବା ପରେ ଡବର ସଂପୃକ୍ତ ବ୍ୟକ୍ତିଙ୍କୁ ଗାଡି ଫେରାଇବାକୁ ଯାଇଥିଲେ। ସେତେବେଳକୁ ସନ୍ଧ୍ୟା ହୋଇଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଡବର ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ସକାଳେ ତାଙ୍କୁ କେହି ହତ୍ୟା କରି ରାସ୍ତାରେ ପକାଇ ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସକୁ ତୁରନ୍ତ ଅବଗତ କରାଯାଇଥିଲା । ପୋଲିସ ତଦନ୍ତ ଜାରି ରହିଛି। ଉକ୍ତ ସ୍କୁଟରକୁ ନେଇ ଗଣ୍ଡଗୋଳ ହୋଇଥିବା ଏବଂ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଡବରଙ୍କ ସ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି ଦୈତାରୀ ଥାନାରେ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ. ୮୦/୨୦୧୯) ରୁଜୁ ହୋଇଛି ।

## ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ଉପରେ ଚଢ଼ାଉ

ଚମ୍ପୁଆ,୧୪।୧୨(ଡି.ଏନ.ଏ.)

ଚମ୍ପୁଆ ରାଜସ୍ୱ ବିଭାଗ ଅଧୀନରେ ଥିବା ବିଭିନ୍ନ ବାଲି ଓ ପଥର ଉତ୍ସରୁ ନିୟମିତ ଭାବେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିଲେ। ବିଭାଗ ସହ ଲୁଚକାଳି ଖେଳି ମାଫିଆମାନେ ଅନାୟାସରେ ବାଲି ଓ ପଥର ଚୋରାଚାଲାଣ କରିଚାଲିଥିଲେ। କର୍ମଚାରୀ ଅଭାବରୁ ଚଢ଼ାଉ କରିପାରୁ ନ ଥିବା ଚମ୍ପୁଆ ତହସିଲଦାର ସଫେଇ ଦେଉଥିଲା ବେଳେ ଅନେକ ସମୟରେ ଗଣ ମାଧ୍ୟମର ଏହି ବାଲି ଓ ପଥର ଚୋରି ପ୍ରକାଶ ହୋଇଆସୁଥିଲା। ଶେଷରେ ତହସିଲଦାର ଆଲୋକ କୁମାର ପଟେଲ ଏହି ବାଲି ଓ ପଥର ଚୋରି ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଦିନକ ପୂର୍ବରୁ ଲକ୍ଷ୍ମୀପୋଶି ପଥର ହୁଡିରେ ଚଢାଉ କରିଥିବା ବେଳେ ଶନିବାର ରାଣିପୁର, ଗୋପୀନାଥପୁର ଓ ରିମୁଳି ବାଲି ଘାଟ ଉପରେ ଜୋରଦାର ଚଢ଼ାଉ କରିଥିଲେ। ଏହି ଚଢ଼ାଉ ଫଳରେ ୪ ଗୋଟି ଟ୍ରାକ୍ଟରକୁ ଜବତ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଏହି ଚଢାଉ ନିୟମିତ ଭାବରେ କରାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

## ମଣ୍ଡିରେ ୫ କେଜି ଧାନ କଟ୍‌ନିକୁ ବିରୋଧ

ଚମ୍ପୁଆ, ୧୪।୧୨(ଡି.ଏନ.ଏ)

ଚମ୍ପୁଆ ଲ୍ୟାମ୍ପରେ ଗତ ଶୁକ୍ରବାର ଚାଷୀଙ୍କ ସୁବିଧା ନିମନ୍ତେ ମଣ୍ଡି ଖୋଲି ଧାନ କ୍ରୟ କରାଯାଇଥିବା ବେଳେ ଦିନକ ପରେ କୁଇଣ୍ଟାଲ ପିଛା ୫ କେଜି ଧାନ କଟ୍‌ନିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଲ୍ୟାମ୍ପ ଏମ.ଡି ବିଭୂତି ଗିରିଙ୍କୁ ପଚାରିବାରୁ ଚାଷୀ ସରକାରଙ୍କ ଧାର୍ଯ୍ୟ ମାନର ଧାନ ଆଣୁନାହାନ୍ତି। ଫଳରେ ଏଫ୍ଏକ୍ୟୁ ଧାନ ମିଳିପାରୁନାହିଁ। ସୂଚନା ଅନୁସାରେ ସରକାର ଚାଷୀଙ୍କ ଠାରୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୧୫ଟଙ୍କା ଓ ସରୁଧାନ ୧୮୩୫ ଟଙ୍କା କୁଇଣ୍ଟାଲ ପିଛା କିଣିବାର ନିଷ୍ପତ୍ତି ନେଇଛନ୍ତି। ଚମ୍ପୁଆ ଲ୍ୟାମ୍ପରେ ପ୍ରଥମ ଦିନରେ ୧୯୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ମାତ୍ର




ଲ୍ୟାମ୍ପ ଆଗରେ ଚାଷୀ।

ଦ୍ୱିତୀୟ ଦିନରେ ଚାଷୀ ସହଦେବ ମହାନ୍ତ, ଈଶ୍ୱର ଚନ୍ଦ୍ର ନାଏକ, ବନମାଳୀ ପ୍ରଧାନ, ତପନ ମହାନ୍ତ, ବିଶ୍ୱମ୍ବର ନାଏକ, ସୁରେନ୍ଦ୍ର କୁମାର ମହାନ୍ତ, କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ଧାନ ବିକ୍ରି କରିବାକୁ ଲ୍ୟାମ୍ପ ଆସିଥିଲେ। ଆବଶ୍ୟକ ତନଖି ପରେ ଧାନଗୁଡିକୁ କିଣାଯାଇଥିଲେ ମଧ୍ୟ ଶେଷ ସମୟରେ ଧାନ କୁଇଣ୍ଟାଲ ପିଛା ୫ କେଜି ଲେଖାଏ କଟ୍‌ନିହେବାର ଜାଣି ଚାଷୀମାନେ ବିରୋଧ କରିଥିଲେ। ଚାଷୀମାନଙ୍କ କହିବା ଅନୁଯାୟୀ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଧାନ କଟ୍‌ନି କରାହେଲେ କୌଣସି ଅସୁବିଧା ହୁଅନ୍ତା ନାହିଁ। ସବୁ ଚାଷୀଙ୍କ ଧାନ ଗ୍ରେଡ ଫେଲ ହେଉ ନ ଥିବା ଅଭିଯୋଗ କରିଛନ୍ତି।

## ମନ୍ଦିର ଜମି ହଡ଼ପ ନେଇ ତହସିଲଦାରଙ୍କୁ ଭେଟିଲେ

ହାଟଡିହୀ, ୧୪। ୧୨(ଡି.ଏନ୍.ଏ.)

ଗୋଟିଏ ଜମିକୁ ଦୁଇ ଥର କବଲା କରି ପଟ୍ଟା କରିବାର ଉଦାହରଣ ଥିବାବେଳେ ପୁନଶ୍ଚ ମନ୍ଦିର ଜମି ହଡପ ହେବା ନଜରକୁ ଆସିଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ହଟକେଶ୍ୱର ମନ୍ଦିର ଜମିକୁ ଚଞ୍ଚକତା କରି ହଡପ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକମାନେ ଶୁକ୍ରବାର ହାଟଡିହୀ ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ମନ୍ଦିର ନାମରେ ଥିବା ୨୩ ଡିସିମିଲ ଜାଗାରୁ ୭ ଡିସିମିଲ ଜାଗାକୁ କରଗୋଳା ଗ୍ରାମର ଜଣେ ବ୍ୟକ୍ତି ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗତ ଗୁରୁବାର କବଲା କରିଥିଲେ। କାମପାଳ ନାୟକ, ସୁରେନ୍ଦ୍ର ବାରିକ, ଗୋଲକ ନାୟକ, ଅନାଦି ପହି, କାଶୀନାଥ ନାୟକ, ସୁଦାମ ନାୟକ, ନୃସିଂହ ସେଠୀ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଥିଲେ। ତହସିଲଦାର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ଲୋଡିଂ ପଏଣ୍ଟରେ ତାଲା ପକାଇଲେ ଗ୍ରାମବାସୀ



ଇଚିଣ୍ଡା ଲୋଡିଂ ପଏଣ୍ଟ ଫାଟକ ସମ୍ମୁଖରେ ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

ରାଇସୁଆଁ, ୧୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଶୁଆକାଠି ଓଏମସିର ଇଚିଣ୍ଡା ଗ୍ରାମ ନିକଟରେ ଥିବା ଲୋଡିଂ ପଏଣ୍ଟରେ ଇଚିଣ୍ଡା ଗ୍ରାମବାସୀଙ୍କୁ କାମ ନ ମିଳିବାରୁ ସେମାନେ ଲୋଡିଂ ପଏଣ୍ଟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି।

ସୂଚନା ଅନୁସାରେ ଲୋଡିଂ ପଏଣ୍ଟ ଆରମ୍ଭ ହେବା ସମୟରେ ଗ୍ରାମବାସୀଙ୍କୁ ଓଏମ୍‌ସି କର୍ତ୍ତୃପକ୍ଷ ଲୋଡିଂ କାମରେ ନିୟୋଜିତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମାତ୍ର ସ୍ଥାନୀୟ ଜନସାଧାରଣଙ୍କୁ କାମ ନ ଦେବାରୁ ସ୍ଥାନୀୟ ଲୋକେ ଶୁକ୍ରବାର ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ତାଲା ପକାଇ ଆନ୍ଦୋଳନ କରିଥିଲେ କୌଣସି କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ନ ଥିଲେ। ସୂଚନା ଅନୁସାରେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିବା ଜଣା ପଡିଛି।

## ଶକ୍ତି ସଂରକ୍ଷଣ ସଚେତନତା ରାଲି

ଯୋଡ଼ା, ୧୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ପଶ୍ଚିମ ଯୋଡା ହାଇସ୍କୁଲ ପକ୍ଷରୁ ଶନିବାର ପୂର୍ବାହ୍ନରେ ଶକ୍ତି ସଂରକ୍ଷଣ ନେଇ ସହରରେ ଏକ ସଚେତନତା ରାଲି କରାଯାଇଛି। ଏହି ସଚେତନତା ରାଲିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ହୋଇ ଯୋଡା ସହର ବିଭିନ୍ନ ୱାର୍ଡର ବସ୍ତି, ହଟିଂ ପରିକ୍ରମା କରି ସାଧାରଣ ଲୋକମାନଙ୍କୁ ଶକ୍ତି ସଂରକ୍ଷଣ ଉପରେ ସଚେତନ କରାଇଥିଲେ । ଛାତ୍ରୀଛାତ୍ର ଲୋକମାନଙ୍କୁ ଲିଫଲେଟ୍ ବାଣ୍ଟି ଏବଂ ବିଭିନ୍ନ ସ୍ଲୋଗାନ ଦେଇ ଶକ୍ତି ସଂରକ୍ଷଣ ଉପରେ ସଚେତନ କରାଇଥିଲେ । ପ୍ରାକୃତିକ ଖଣିଜରୁ ଉତ୍ପନ୍ନ ଶକ୍ତିର ଅତ୍ୟଧିକ ବ୍ୟବହାର ଯୋଗୁ ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି ଫଳରେ ବର୍ତ୍ତମାନ ସମୟରେ ଋତୁଚକ୍ରରେ ବ୍ୟତିକ୍ରମ ଦେଖିବାକୁ



ଛାତ୍ରୀମାନେ ପ୍ଲାକାର୍ଡ଼ ଧରି ସଚେତନତା ରାଲିରେ ଯାଉଛନ୍ତି।

ମିଳୁଛି । ଏହା ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବଢୁଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ଭବିଷ୍ୟତରେ ଏହି ସବୁ ସମସ୍ୟା ଦୂର କରିବା ପାଇଁ ପ୍ରାକୃତିକ ଖଣିଜ ଓ ଶକ୍ତିର ସଂରକ୍ଷଣ ନିହାତି ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ । ଏହି ସଚେତନତା ରାଲିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଗାନ୍ଧାରୀ ନାଏକ, ଲାବଣ୍ୟବତୀ ମହାନ୍ତ, ଶିକ୍ଷକ ଶଙ୍କର୍ଷଣ ମାରାଣ୍ଡି, ଛୋଟରାଏ ମାଝି, ସୁବାଶିଷ ଦାଶଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ଥିଲେ ।

## ୨୦ରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ହାଟଡିହୀ, ୧୪।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପରିସରରେ ଚଳିତମାସ ୨୦ତାରିଖରେ ଏକ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହେବ। ଏଥିରେ ସରକାରୀ ସ୍ୱୀକୃତିପ୍ରାପ୍ତ ବିଭିନ୍ନ ଅନୁଷ୍ଠାନ ଯୋଗଦେବେ। ଅଷ୍ଟମ ଶ୍ରେଣୀରୁ ତଦୂର୍ଦ୍ଧ୍ୱ ଯୋଗ୍ୟତା ଥିବା ୧୬ରୁ୩୦ବର୍ଷ ବୟସର ପ୍ରାର୍ଥୀମାନେ ପ୍ରମାଣ ପତ୍ର ସହ ଏହି ଶିବିରରେ ଭାଗ ନେବାକୁ ବ୍ଲକ ତରଫରୁ ସୂଚନା ଦିଆଯାଇଛି। ଡିଏମ୍‌ଏଫ୍ ଓ ଜିଲା ପ୍ରଶାସନ ତରଫରୁ ଉକ୍ତ ଶିବିର ଅନୁଷ୍ଠିତ ହେଉଛି। ବେକାର ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ରୋଜଗାରକ୍ଷମ କରାଇବା ଏହି ଶିବିରର ଲକ୍ଷ୍ୟ ।

## ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବି ଜୋର ଧରିଲା



କଲେଜ ସମ୍ମୁଖରେ ଆନ୍ଦୋଳନରତ ଛାତ୍ରୀ।

କେନ୍ଦୁଝର, ୧୪।୧୨ (ସ୍ୱ.ପ୍ର.)

ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୩ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବିରେ ଦେଖାଦେଇଥିବା ଅସନ୍ତୋଷ ଜାରି ରହିଛି। ବିଳମ୍ବରେ ପାଠ୍ୟକ୍ରମ ଶେଷ ହୋଇଥିବା ଏବଂ ନିକଟରେ ଏକ ପରୀକ୍ଷା ସରିଥିବାରୁ ପୁଣି ଏକ ପରୀକ୍ଷ ପାଇଁ ପ୍ରସ୍ତୁତ ହୋଇପାରି ନାହାନ୍ତି। ଏଣୁ ପରୀକ୍ଷା ଘୁଞ୍ଚାଇବା ଦାବିରେ କିଛି ଦିନ ହେଲା ଛାତ୍ରୀଙ୍କ ଅସନ୍ତୋଷ ଦେଖାଦେଇଆସିଥିଲା। ଏହାକୁ ନେଇ ଗୁରୁବାର ଛାତ୍ରୀ ମାନେ ରାସ୍ତାରୋକୋ କରିଥିଲେ। ଏହା ସତ୍ତ୍ୱେ ଦାବି ପୂରଣ ନ ହେବାରୁ ଶନିବାର ମୁଖ୍ୟ ଫାଟକକୁ ବନ୍ଦ କରି ବିରୋଧ ପ୍ରଦର୍ଶନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସେମାନଙ୍କ ସହିତ ଆଲୋଚନା କରି ଗେଟ୍ ଖୋଲିବା ପରେ ପାଠ ପଢା ସ୍ୱାଭାବିକ ହୋଇଥିଲା । ତେବେ ଜଣେ ଛାତ୍ରୀଙ୍କୁ ଜଣେ ଅଧ୍ୟକ୍ଷ ତଥା ଅନ୍ୟମାନେ କଟୁ କଥା କହିବାରୁ ଛାତ୍ରୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ଏହାକୁ ନେଇ ସୋମବାର ଆନ୍ଦୋଳନ ଜୋରଦାର କରିବେ ବୋଲି କହିଥିଲେ। ତେବେ ସେଭଳି କୌଣସି କଟୁ କଥା କୁହାଯାଇ ନ ଥିବା ଅଧ୍ୟକ୍ଷ ସଦାଶିବ ମହାରଣା କହିଛନ୍ତି। ସେମାନଙ୍କ ଦାବିକୁ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି । ଏଣୁ ସେଠାରୁ ଉତ୍ତର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଛି ବୋଲି ସେ କହିଛନ୍ତି। ଏନେଇ ପଦକ୍ଷେପ ନିଆ ନ ଗଲେ ଉତ୍ତର ଓଡିଶା ଅଧୀନରେ ଥିବା କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ସମସ୍ତ କଲେଜର ଛାତ୍ରୀଛାତ୍ର ସାମିଲ ହେବା ସମ୍ଭାବନା ରହିଛି।

## ବେଆଇନ ବାଲି ପରିବହନ
## ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଘସିପୁରା, ୧୪।୧୨(ଡି.ଏନ.ଏ.)

ବୈତରଣୀ ନଦୀର ଏକ ଘାଟରୁ ବେଆଇନ ଭାବେ ବାଲିପରିବହନକୁ ନେଇ ସ୍ଥାନୀୟ ଗ୍ରାମବାସୀ ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ବାରମ୍ବାର ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଲିଜ୍ ଧାରୀ ଲିଜ ଅଞ୍ଚଳ ବାହାରେ ବ୍ରାହ୍ମଣୀଦେବୀ ମନ୍ଦିର ଘାଟରୁ ବଳପୂର୍ବକ ବାଲି ଉତ୍ତୋଳନ କରି ଜନବସତି ମଧ୍ୟରେ ବାଲି ପରିବହନ କରୁଥିବା ଅଭିଯୋଗ ହୋଇଛି। ଏନେଇ କେତେକ ଗ୍ରାମବାସୀ ଆନନ୍ଦପୁର ଉପଜିଲାପାଳଙ୍କୁ ସାକ୍ଷାତ ଆଲୋଚନା କରିବା ସହିତ ଏହି ବେଆଇନ କାରବାରକୁ ବନ୍ଦ କରିବା ପାଇଁ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଘାଟକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇ ନ ଥିବା ବେଳେ ଦୀର୍ଘଦିନ ହେବ ଏହି ଅଞ୍ଚଳରେ ନଦୀଘାଟକୁ ରାସ୍ତା ତିଆରି କରି ବାଲି ପରିବହନ ବେଧଡ଼କ ଭାବେ ଚାଲିଛି। ଏହାଦ୍ୱାରା ଲୋକଙ୍କ ବ୍ୟବହୃତ ଘାଟ ବିପଦସଙ୍କୁଳ ହେଉଛି। ସେହିପରି ଅଣ ଓସାରିଆ ରାସ୍ତାରେ ହାଇୱା ଆଦି ଭାରିଯାନରେ ବାଲି ପରିବହନ କରା ଯାଉଥିବାରୁ ତାହା ଧନଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ରାସ୍ତାର ଉଭୟ



ବୈତରଣୀ ଘାଟରୁ ବାଲି ଖନନ ହେଉଛି।

ପାର୍ଶ୍ୱରେ ଜନବସତି ଥିବା ବେଳେ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି ଓ କଲେଜ ମଧ୍ୟ ରହିଛି। ଭାରିଯାନ ଚଳାଚଳ ଦ୍ୱାରା ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ସୋନୁ ଜେନା, ଲିପୁନ ଜେନା, ସତ୍ୟପ୍ରକାଶ ରାଉତ, ତ୍ରିଲୋଚନ ଜେନା,ଦୀପକ ମିଶ୍ର, ତରଣୀସେନ ସିଂ, ଦୁଃଖବନ୍ଧୁ ଦେହୁରୀ, ଏଚ୍ କେ ମଲ୍ଲିକ, ପ୍ରଶାନ୍ତ ସିଂ ଙ୍କ ସମେତ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅପରପକ୍ଷେ ଏ ସମ୍ପର୍କରେ ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବୈତରଣୀ ନଦୀର ଟୁକୁଣା ଘାଟକୁ ନିଲାମ ଦିଆଯାଇଛି । କିନ୍ତୁ ଯଦି ଲିଜଧାରୀ ଅନ୍ୟ ଅଞ୍ଚଳରୁ ବାଲି ଉଠାଉଥିବେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରାସ୍ତାକଡ଼ରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

କେନ୍ଦୁଝର, ୧୪।୧୨(ଡି.ଏନ୍.ଏ.)

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡରେ ଅସୁରକ୍ଷିତ ଭାବେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ପାଇଁ ଧନଜୀବନ ହାନୀ ଆଶଙ୍କା ରହିଛି। ରାସ୍ତା କଡରେ ଛୋଟ ଛୋଟ ପିଲାମାନଙ୍କ ସହ ବରିଷ୍ଠ ନାଗରିକମାନେ ପାଦରେ ଚାଲି ଚାଲି ଯାଉଛନ୍ତି। ସନ୍ଧ୍ୟା ଭ୍ରମଣ ସମୟରେ ଅନେକ ବ୍ୟକ୍ତିବିଶେଷ ଫୁଟପାଥ୍‌ରେ ଚଳପ୍ରଚଳ କରିଥାନ୍ତି। ଏଭଳି ପରିସ୍ଥିତିରେ ରାସ୍ତାକଡରେ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମରଗୁଡିକ ରହିବା କାରଣରୁ ସାଧାରଣ ବାଟୋଇ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡରେ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିବା ଯୋଗୁଁ ବଡଧରଣର ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ଅନେକ ଟ୍ରାନ୍ସଫର୍ମର ଜନଗହଳିପୂର୍ଣ୍ଣ ସ୍ଥାନରେ ରହିଥିବା କାରଣରୁ ଧନଜୀବନ ହାନୀ ସମ୍ଭାବନାକୁ ମଧ୍ୟ ଏଡାଇ ଦେଇ ହେଉନାହିଁ। ଏଭଳିସ୍ଥଳେ ନେସ୍କୋ କର୍ତ୍ତୃପକ୍ଷ ସବୁଦେଖି ନ ଦେଖିବା ପରି ନୀରବ ଭାବେ ରହିବା ସହରବାସୀଙ୍କୁ ବ୍ୟଥିତ କରିଛି।



ବିପଦସଙ୍କୁଳ ଟ୍ରାନ୍ସଫର୍ମର।

ବିଶେଷ କରି ଗାନ୍ଧୀଛକ ନିକଟରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଶାଖା ସମ୍ମୁଖରେ ଦୁଇଗୋଟି ଟ୍ରାନ୍ସଫର୍ମର ପାଇଁ ବ୍ୟାଙ୍କ ଓ ଏଟିଏମ୍‌କୁ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଲୋକେ ବାଧ୍ୟ ହୋଇ ଟ୍ରାନ୍ସଫର୍ମର ତଳ ଦେଇ ଚଳପ୍ରଚଳ କରୁଥିବାବେଳେ ଗାଡିମୋଟର ମଧ୍ୟ ପାର୍କିଂ କରୁଥିବା ଦେଖାଯାଉଛି। ଏହା ଜାତୀୟ ରାଜପଥ ୪୯ କଡରେ ଅବସ୍ଥିତ ଅଟେ। ସେହିପରି ସିରାଜୁଦ୍ଦିନ ଛକ ନିକଟରେ ମଧ୍ୟ ଗୋଟିଏ ଟ୍ରାନ୍ସଫର୍ମର ରାସ୍ତାକଡରେ ରହିଥିବାବେଳେ ବହୁ ସମୟରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ମ୍ୟୁନିସିପାଲିଟି ବଜାର ନିକଟ ଟ୍ୟାକ୍ସି ଷ୍ଟାଣ୍ଡ ସମ୍ମୁଖରେ ଥିବା ବିଦ୍ୟୁତ ସବଷ୍ଟେସନ ପାଇଁ ବହୁ ସମୟରେ ବିପଦ ଆଶଙ୍କା ରହୁଛି। କେନ୍ଦୁଝର ସହରର ମାଇନିଂ ରୋଡ ଆଇନ ମହାବିଦ୍ୟାଳୟ ଛକ ନିକଟରେ ଥିବା ଟ୍ରାନ୍ସଫର୍ମର ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ସ୍ଥାନଟି ଜନଗହଳିପୂର୍ଣ୍ଣ ହୋଇଥିବାବେଳେ ଏଠାରୁ ଟ୍ରାନ୍ସଫର୍ମର ଅନ୍ୟତ୍ର ଉଠାଇ ନେବା ଜରୁରୀ ହୋଇପଡିଛି। ଅପରପକ୍ଷରେ ଇନଡୋର ଷ୍ଟାଡିୟମ ନିକଟ ଟ୍ରାନ୍ସଫର୍ମର,ମାଧପୁର ବସଷ୍ଟପ୍ ନିକଟ ଟ୍ରାନ୍ସଫର୍ମରଗୁଡିକ ମଧ୍ୟ ରାସ୍ତାକଡରେ ଖୋଲାମେଲାରେ ପଡି ରହିଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋପବନ୍ଧୁ ଛାତ୍ରାବାସ ସମ୍ମୁଖ, କାଶିପୁର ରାସ୍ତାକଡରେ ଥିବା ଟ୍ରାନ୍ସଫର୍ମର, ସାତସିଙ୍ଗାଠାରେ ରାସ୍ତାକଡରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ସମେତ ସହରର ଅନେକ ସ୍ଥାନରେ ଟ୍ରାନ୍ସଫର୍ମରଗୁଡିକ ରାସ୍ତାକଡରେ ରହିଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାକଡରେ ରହିଥିବା ଟ୍ରାନ୍ସଫର୍ମର ବାରିକେଡ ଖୋଲା ରହୁଥିବାରୁ ଗୃହପାଳିତ ପଶୁମାନେ ଘାସପତ୍ର ଖାଇବାକୁ ଭିତରକୁ ଯାଇ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଏହି ଟ୍ରାନ୍ସଫର୍ମରଗୁଡିକୁ ରାସ୍ତାକଡରୁ ଉଠାଇବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ କରାଯାଇଛି। ବିଦ୍ୟୁତ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଏହି ଟ୍ରାନ୍ସଫର୍ମରଗୁଡିକ ସ୍ଥାନାନ୍ତର କରି ଅନ୍ୟତ୍ର ବସାଇବାର ବ୍ୟବସ୍ଥା କରିବାକୁ ସହରବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପିଲା ବିକ୍ରି ଅଭିଯୋଗ ନେଇ ତନାଘନା

**ବାଙ୍ଗିରିପୋଷି,୧୪।୧୨(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢିଖମାରୀ ଅଞ୍ଚଳରେ ଏକ ଶିଶୁକନ୍ୟାକୁ ଆଦିବାସୀ ଦମ୍ପତି ବିକ୍ରି କରିଥିବା ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଉଥିବା ଜଣାପଡିଛି। ତେବେ ସମ୍ପୃକ୍ତ ଦମ୍ପତି ନିଜ ଶିଶୁକନ୍ୟାକୁ ପଶ୍ଚିମବଙ୍ଗର ସମ୍ପର୍କୀୟ ଭାଉଜଭାଇଙ୍କ ଘରେ ନିଜ ଇଚ୍ଛାରେ ୧ ମାସ ପୂର୍ବରୁ ଲାଳନପାଳନ ଛାଡି ଆସିଥିବା କହିଛନ୍ତି। ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀ ଏହି ଆଦିବାସୀ ମହିଳାଙ୍କ ନବଜାତ ଶିଶୁକନ୍ୟାକୁ ନେଇ ପୂର୍ବରୁ ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ପରେ ସେମାନେ ଶିଶୁକନ୍ୟାକୁ ଦେଖିବାକୁ ନ ପାଇ ସନ୍ଦେହରେ ବାଙ୍ଗିରିପୋଷି ଆଇସିଡିଏସ କାର୍ଯ୍ୟାଳୟକୁ ଜଣାଇଥିଲେ। ଏ ସମ୍ପର୍କରେ ଆଇସିଡିଏସ ସୁପରଭାଇଜର ଅଞ୍ଜଳି ଦାସ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।

### ଚୋରା ମଦ ବେପାରୀ ଗିରଫ

**ରାଇରଙ୍ଗପୁର,୧୪।୧୨(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ବିଶୋଇ ଥାନା ମାଣିଚ ଗ୍ରାମରେ ଚଢାଉ କରାଯାଇ ଜଣେ ଚୋରା ମଦ ବେପାରୀଙ୍କୁ ଗୀରଫ କରାଯାଇଛି। ତାଙ୍କଠାରୁ ୭ ଲିଟର ମଦ ଜବତ ହୋଇଛି। ଏ ପେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନି ହାଁସଦାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### ୭୨ ୟୁନିଟ୍ ରକ୍ତ ସଂଗୃହୀତ



**ଉଦଳା,୧୪।୧୨(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ରାଢୋ ହାଇସ୍କୁଲଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଉଦଳା ବିଧାୟକ ଭାସ୍କର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଳା ଡାକ୍ତରଖାନାର ଅଧକ୍ଷ ଡା. ଶିବାନନ୍ଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ରକ୍ତଦାନ ଶିବିରରେ ପୁରାତନ ଛାତ୍ର ସଂସଦ କମିଟିର ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ଉପସଭାପତି ଖଗେଶ୍ୱର ସିଂ ସହଯୋଗ କରିଥିଲେ। ଶିବିରରେ ସମୁଦାୟ ୭୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପୁରାତନ ଛାତ୍ର ସଂସଦର ସମ୍ପାଦକ ଉମାକାନ୍ତ ନନ୍ଦ, ସହ ସମ୍ପାଦକ ତାପସ କୁମାର ନନ୍ଦ, କୋଷାଧକ୍ଷ ସୁରେନ୍ଦ୍ର ଦାସଙ୍କ ସମେତ ଛାତ୍ର ସଂସଦର ସଦସ୍ୟ ଏବଂ ରାଢୋ ହାଇସ୍କୁଲ, ଲୁଇପା ଡିଗ୍ରୀ କଲେଜ ଅଧାପିକା, ଅଧାପକ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବିକାଶ ମଞ୍ଚ ପକ୍ଷରୁ ଶନିବାର ପାଉଁଶିଆବନ୍ଧଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟ ଓ ଜନପ୍ରତିନିଧି।

# ସବ୍‌ଡିଭିଜନ ଦାବି ତେଜିଲା

## ବିକାଶ ମଞ୍ଚ ବୈଠକରେ ଆଗାମୀ କାର୍ଯ୍ୟକ୍ରମ ନେଇ ଆଲୋଚନା

**ବଡ଼ସାହି,୧୪।୧୨(ସ୍ୱ.ପ୍ର.)**

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ବେତନଟୀ ଓ ବଡସାହି ବ୍ଲକୁ ମିଶାଇ ସବ୍‌ଡିଭିଜନ ଗଠନ କରିବା ଦାବି ତେଜିବାରେ ଲାଗିଛି। ଶନିବାର ପାଉଁଶିଆବନ୍ଧଠାରେ ଅନୁଷ୍ଠିତ ବିକାଶ ମଞ୍ଚର ୮ମ ବୈଠକରେ ଏନେଇ ଜୋରଦାର ଦାବି ଉପସ୍ଥାପନ କରାଯାଇଛି। ବଡସାହି ଓ ବେତନଟୀ ବ୍ଲକରେ ସାମୂହିକ ଉନ୍ନତି ମୂଳକ କାର୍ଯ୍ୟ ସମେତ ବଡସାହିରେ ଏକ ସବ୍ ରେଜିଷ୍ଟ୍ରାର ଅଫିସ ଖୋଲାଯିବା ଲାଗି ବୈଠକରେ ମଧ ଦାବି କରାଯାଇଥିଲା। ବରିଷ୍ଠ ନାଗରିକ ଚୂଡାମଣି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚର ସଦସ୍ୟମାନେ ଆଗାମୀ ଦିନର କାର୍ଯ୍ୟକ୍ରମ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବଡସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଖବରଦାତା ଅରୁଣ କୁମାର ଓତା ପୂର୍ବ ବୈଠକର ବିବରଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଜିଲାର ଏକ ବଡ ବ୍ଲକ ଭାବେ ପରିଚିତ ବଡସାହିର ୩୦ ପଞ୍ଚାୟତରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏଠାରେ ସବ୍ ରେଜିଷ୍ଟ୍ରାର ଅଫିସ ଥିବାରୁ ଜମି କିଣାବିକା କାରବାର ଲାଗି ଲୋକେ ହଇରାଣ ହେଉଛନ୍ତି। ଏଥିଲାଗି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସ୍ଥିର ହୋଇଥିଲା। ସେହିପରି ବଡ଼ସାହି ଓ ବେତନଟୀଠାରେ ନିର୍ମାଣ ହେବାକୁ ଥିବା ବସଷ୍ଟାଣ୍ଡ ନିର୍ମାଣ ସକାଶେ ଆବଶ୍ୟକ ପଡୁଥିବା ଜମି ସମ୍ପର୍କରେ ପ୍ରଶାସନକୁ ସବିଶେଷ ତଥ୍ୟ ଦେବା ଲାଗି ବୈଠକରେ ୫ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ସବ୍‌ଡିଭିଜନ ଦାବି ହାସଲ ନିମନ୍ତେ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଉଭୟ ବ୍ଲକର ଦାବିକୁ ନେଇ ସଙ୍ଗଠନକୁ ମଜବୁତ କରିବା ସହ ଏଥିରେ ଅଞ୍ଚଳବାସୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଖବରଦାତା ମନୋଜ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମହୋତ୍ସବ: ଭାଗ ନେଲେ ୨୫୦ ଛାତ୍ରୀଛାତ୍ର

**ବହଳଦା,୧୪।୧୨(ଡି.ଏନ.ଏ.)**

ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା) ମୟୂରଭଞ୍ଜ ଜିଲା ବହଳଦା ବ୍ଲକ ଶାଖା ପକ୍ଷରୁ ବାସିଙ୍ଗି ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁମହୋତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୪ଟି ହାଇସ୍କୁଲର ୨୫୦ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ତର୍କ, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, କବିତା ଆବୃତ୍ତି, କୁଇଜ ପ୍ରଭୃତି ୧୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ସନ୍ଧ୍ୟାର ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ, ସଚୀନ୍ଦ୍ର ମହାନ୍ତ, ଶିକ୍ଷକ ନେତା ଇନ୍ଦୁମାଧବ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୨୧ଓ ୨୨ତାରିଖରେ ତିରିଂ ବ୍ଲକ ଅନ୍ତର୍ଗତ ଯଦୁନାଥପୁର ସୀମାନ୍ତ ହାଇସ୍କୁଲରେ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଶ୍ରେଷ୍ଠତା ଲାଭ କରିଥିବା ପିଲାମାନେ ଅଂଶଗ୍ରହଣ କରିବେ।

# ଶକ୍ତି ସଂରକ୍ଷଣ ଲାଗି ରାଲି ଓ ସଭା




ରାଲିକୁ ପ୍ରଧାନ ଶିକ୍ଷୟିତ୍ରୀ ଡା. ପ୍ରଜ୍ଞା ପାରମିତା ଜେନା ଉଦ୍‌ଘାଟନ କରୁଛନ୍ତି।

**ବାରିପଦା ଅଫିସ,୧୪।୧୨**

ବାରିପଦା ଏମକେସି ହାଇସ୍କୁଲରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା ରାଲିକୁ ପ୍ରଧାନ ଶିକ୍ଷୟିତ୍ରୀ ଡ଼ା ପ୍ରଜ୍ଞା ପରାମିତା ଜେନା ଉଦ୍‌ଘାଟନ କରି ଶକ୍ତି ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଶକ୍ତି ସଂରକ୍ଷଣ ଭିତ୍ତିକ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ନେସ୍କୋର ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାୟକଏବଂ ବିଜ୍ଞାନ ଶିକ୍ଷକ ମନୋଜ କୁମାର ପରିଡା ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଡ଼ା. ଶଶିଧର ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଶିକ୍ଷକ ଅମିତାଭ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ଜିଲାକୁ ୨୪ ପଦକ

**ବାରିପଦା ଅଫିସ,୧୪।୧୨**




କୃତୀ ଖେଳାଳିବୃନ୍ଦ।

ଗତ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାକୁ ମିଳିଛି ସଫଳତା। ୧୭ ଜଣ ଖେଳାଳି ଜିଲାରୁ ପ୍ରତିନିଧିତ୍ୱ କରି ୧୪ ଟି ସ୍ୱର୍ଣ୍ଣ, ୮ ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ସମେତ ମୋଟ ୨୪ଟି ପଦକ ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ଦେବୀ ସିଂ ଜୁନିୟର, ସିନିୟର ଓ ଓପନ ବେଞ୍ଚ ପ୍ରେସ ୩ଟି ବିଭାଗରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସୀମାରାଣୀ ସିଂ ସିନିୟରରେ ୧ ରୌପ୍ୟ, ଭାରତୀ ପାତ୍ର ଜୁନିୟର ଓ ସିନିୟର ଉଭୟରେ ସ୍ୱର୍ଣ୍ଣ ପଦକ, ପ୍ରଭାତୀ ସିଂ ଜୁନିୟରରେ ସ୍ୱର୍ଣ୍ଣ ଓ ସିନିୟରରେ ରୌପ୍ୟ, ଧାନୀମଣି ଟୁଡୁ ଜୁନିୟର ଓ ସିନିୟର ଉଭୟରେ ରୌପ୍ୟ, ଚନ୍ଦ୍ରବଦନୀ ମହାନ୍ତ ଓପନ ବେଞ୍ଚ ପ୍ରେସ୍‌ରେ ସ୍ୱର୍ଣ୍ଣ, ପ୍ରବୀର ପୃଷ୍ଟି ଜୁନିୟରରେ ବ୍ରୋଞ୍ଜ ଓ ଓପନ ବେଞ୍ଚ ପ୍ରେସ୍‌ରେ ରୌପ୍ୟ, ସୁଦାମ ସିଂ ଜୁନିୟର ଓ ସିନିୟର ଉଭୟରେ ରୌପ୍ୟ, ବାପୁନ ବେହେରା ଜୁନିୟରରେ ସ୍ୱର୍ଣ୍ଣ, ସତ୍ୟବ୍ରତ ବେହେରା ସିନିୟରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରାଜେନ୍ଦ୍ର ପରିଡା ମାଷ୍ଟର (୨)ରେ ଜଜ ସ୍ୱର୍ଣ୍ଣ, ମନୋଜ କୁମାର ମହାନ୍ତ ସିନିୟରରେ ବ୍ରୋଞ୍ଜ, ଦୁଃଖିରାମ ମାରାଣ୍ଡି ସବ୍ ଜୁନିୟରରେ ସ୍ୱର୍ଣ୍ଣ, ଶିମନ ପ୍ରଧାନ ଜୁନିୟରରେ ରୌପ୍ୟ, ଟାଟୁନାଥ ହାଁସଦା ସବ୍ ଜୁନିୟରରେ ସ୍ୱର୍ଣ୍ଣ, ଅଭିଷେକ ମହାନ୍ତ ଜୁନିୟର ଓ ସିନିୟର ଉଭୟରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ଏହି ସମସ୍ତ କୃତୀ ପ୍ରତିଯୋଗୀ ମୟୂରଭଞ୍ଜ ଜିମ୍ନାସିୟମ ଏବଂ ଶକ୍ତିମାନ ଜିମ୍ନାସିୟମରେ ନିୟମିତ କ୍ରୀଡା ଅଭ୍ୟାସ କରୁଥିଲେ। ଏଭଳି ସଫଳତା ଲାଗି ଜିଲାର ବହୁ କ୍ରୀଡାବିତ ସେମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି। ମୟୂରଭଞ୍ଜ ଜିଲା ଶକ୍ତି ଉତ୍ତୋଳନ ସମ୍ପାଦକ ନବ କୁମାର ସାହୁ, ମୟୂରଭଞ୍ଜ ଜିମ୍ନାସିୟମ ସଭାପତି ଗିରିଶ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ମହାନ୍ତି, ପରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶକ୍ତି ସଂରକ୍ଷଣ ଦିବସ ପାଳିତ

**ବଡ଼ସାହି,୧୪।୧୨(ସ୍ୱ.ପ୍ର.)**

ଜାତୀୟ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଏକ ରାଲିରେ ବାହାରି ବଜାର ପରିକ୍ରମା କରିବା ସହିତ ଲୋକଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନ କରାଥିଲେ। ସେମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଧାନ ଶିକ୍ଷକ ହରିହର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶକ୍ତିର ଅପଚୟ ନ କରି ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ।

# ଉଦଳାରେ ସଚେତନତା ରାଲି

**ଉଦଳା ୧୪।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଛାତ୍ରମାନେ ଏକ ଶୋଭାଯାତ୍ରାରେ ଉଦଳା ସହର ପରିକ୍ରମା କରି ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନା ସୃଷ୍ଟି କରିଥିଲେ। ବିଶ୍ୱ ଶକ୍ତି ସଂରକ୍ଷଣ ସଂକ୍ରାନ୍ତରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ୩ ଜଣ କୃତୀ ପ୍ରତିଯୋଗୀ ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ମିତଞ୍ଜୟ ମହାପାତ୍ର ଏବଂ ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସସ୍ମିତା ପାଣିଆଡିଆ ଏବଂ ପୁଷ୍ପଲତା ହାଁସଦାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲା। ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓମ୍ ଦେବ ଜୀ, ସମ୍ମାନନୀୟ ଅତିଥି ଭାବେ ଜୟଗୋପାଳ ରାୟ ଓ ବ୍ରହ୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ଶିକ୍ଷକ ନାରାୟଣ ହାତୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଗ୍ରହ ଓ ନିଷ୍ଠା ଥିଲେ ଶୀର୍ଷରେ ପହଞ୍ଚିପାରିବେ ଛାତ୍ରୀଛାତ୍ର

**ଠାକୁରମୁଣ୍ଡା, ୧୪।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣିଠାରେ ଥିବା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପ୍ରେରଣା କାର୍ଯ୍ୟକ୍ରମ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳା କାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାକ୍ତର ଚିତ୍ତରଞ୍ଜନ ନାୟକ, ସମ୍ମାନନୀୟ ଅତିଥି ଭାବେ ସିଆରସିସି ଅରୁଣ କୁମାର ପଲେଇ ଯୋଗ ଦେଇଥିଲେ। ମନଭିତରେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢିବାର ଆଗ୍ରହ, ନିଷ୍ଠା ଥିଲେ ଯେ କୌଣସି ଛାତ୍ରୀଛାତ୍ର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଜିଆଣି ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

# ଜାରିତାଣ୍ଡି ଜେବିସି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବହଳଦା,୧୪।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବହଳଦା ବ୍ଲକ ଜାରିତାଣ୍ଡି ଜୁନିୟର ବୟଜ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆଠାରେ ୩ ଦିନ ଧରି ଚାଲିଥିବା ୩୦ତମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲା ସମେତ ପଡୋଶୀ ଝାଡଖଣ୍ଡ ରାଜ୍ୟର ୯୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏସ.ଏଫ.ଟି. ଉପରବେଡା ଦଳ ମୁର୍ମୁ ଷ୍ଟାର ଦାଣ୍ଡବୋଷକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ବିଜେତା ୮ଦଳକୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁରର ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦା, ସମ୍ମାନନୀୟ ଅତିଥି ଭାବେ ସାରସକଣାର ପୂର୍ବତନ ବିଧାୟକ ଭାଦୋବ ହାଁସଦା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହଳଦା ପଞ୍ଚାୟତ ସମିତିର ଅଧକ୍ଷ ଦୁଃଖୁ ହେମ୍ବ୍ରମ, ତିରିଂ ପଞ୍ଚାୟତ ସମିତିର ଅଧକ୍ଷା ଜେମାମଣି ଶୁଣ୍ଡି, ଯୁବନେତା ପ୍ରିୟବ୍ରତ ମାଝି, ସାମାଜିକ ଓ ପରିବେଶ କର୍ମୀ ଚକ୍ରଧର ହେମ୍ବ୍ରମ, ଜିଲା ପରିଷଦ ସଭ୍ୟ ପରେଶ ମୁଣ୍ଡା, ଜାମଦା ବ୍ଲକର ପୂର୍ବତନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ଜୁନିୟର ବୟଜ କ୍ଲବ(ଜେବିସି)ର ସଭାପତି ମଇଦାଶ ମୁର୍ମୁଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ‘ପରିବେଶ ସୁରକ୍ଷା ସହ ଶକ୍ତିର ଅପଚୟ ରୋକିବା ଜରୁରୀ’

**ଠାକୁରମୁଣ୍ଡା ୧୪।୧୨ (ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଥିଲା। ଛାତ୍ରୀଛାତ୍ରମାନେ ଏକ ରାଲିରେ ଠାକୁରମୁଣ୍ଡା ବଜାର ସହ ଠାକୁରମୁଣ୍ଡା ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ସ୍ୱାଧୀନତା ସାହାଣୀ ମୁଖ୍ୟଅତିଥି ଏବଂ ଡେପୁଟି ରେଞ୍ଜର ଉଦ୍ଧବ ଚରଣ ମହାନ୍ତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶର ସୁରକ୍ଷା ଏବଂ ଶକ୍ତିର ଅପଚୟ ରୋକିବା ବର୍ତ୍ତମାନ ସମୟର ଜରୁରି ଆବଶ୍ୟକତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ୧୮୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ୯୯,୬୩୦ ହେକ୍ଟର ଜମିରେ ରବି ଫସଲ ଲକ୍ଷ୍ୟଧାର୍ଯ୍ୟ

- ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ
- ବିହନ, ସାର, କୃଷି ଋଣ ଯୋଗାଣ ଉପରେ ଗୁରୁତ୍ୱ

**ବାରିପଦା ଅଫିସ,୧୪।୧୨**

ମୟୂରଭଞ୍ଜ ଜିଲାରେ ଚଳିତ ୨୦୧୯-୨୦ ରବି ଋତୁରେ ମୋଟ ୯୯,୬୩୦ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରିବା ଲାଗି ଜିଲା କୃଷନୀତି ନିର୍ଦ୍ଧାରଣ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ବିନୀତ୍ ଭରଦ୍ୱାଜଙ୍କ ଅଧକ୍ଷତାରେ ଜିଲା ମୁଖ୍ୟ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ଦାମୋଦର ସେଠୀ, ଡିଡିଏମ୍ ନାବାର୍ଡ ସ୍ମୃତି ରଞ୍ଜନ ପଟ୍ଟନାୟକ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଲଡିଏମ୍ ଦିଲୀପ କୁମାର ସାହୁ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଏସ୍ କେ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ସମସ୍ତ କୃଷି ଅଧିକାରୀ ଓ ସମ୍ପୃକ୍ତ ଲାଇନ ବିଭାଗ ପଦାଧିକାରୀ ଓ ଚାଷୀ ପ୍ରତିନିଧି ଉପସ୍ଥିତ ରହି କୃଷିଭିତ୍ତିକ ଯୋଜନା କାର୍ଯ୍ୟକ୍ରମ ଅଧୀନ ଖରିଫ ଫସଲ-୨୦୧୯ ଏବଂ ରବି ଫସଲ ୨୦୧୯-୨୦ କାର୍ଯ୍ୟଖସଡା ସଂକ୍ରାନ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ କୃଷି ବିଭାଗ ଓ ଅନ୍ୟ ଅଧିକାରୀବୃନ୍ଦ।

ଜିଲାରେ ବୃଷ୍ଟିପାତ, ବିଭିନ୍ନ ଚାଷ ଓ ଉତ୍ପାଦନର ସ୍ଥିତି ସମେତ ବିଭିନ୍ନ ପ୍ରକାର ସାର ବ୍ୟବହାର, କୃଷି ଯନ୍ତ୍ରପାତିର ଉପଯୋଗ, କୃଷିଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଯୋଜନା କାର୍ଯ୍ୟାନ୍ୱୟନ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ଏଥର ଖରିଫ ଋତୁରେ ଜିଲାରେ ମୌସୁମୀ ବୃଷ୍ଟିପାତ ୧୦୭୫.୨୮ମି.ମି ହୋଇଥିବାରୁ ଏହା ସ୍ୱାଭାବିକ ବୃଷ୍ଟିପାତ ପରିମାଣଠାରୁ ୧୨.୨୨% କମ୍ ବୋଲି ଦର୍ଶାଯାଇଥିଲା। ଖରିଫ ଋତୁରେ ୪୩୭୦୦ ହେକ୍ଟର ଜମିରେ ବିଭିନ୍ନ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୪୨୮୬୪୬ ହେକ୍ଟର ଜମିରେ ଚାଷ ହୋଇଥିଲା। ଖରିଫ ଚାଷର କ୍ଷତି ଭରଣା ଲାଗି ରବି ଫସଲ କାର୍ଯ୍ୟଖସଡା ଉପରେ ଗୁରୁତ୍ୱ ଦିଆଯାଇ ଜିଲାରେ ଥିବା ବିଭିନ୍ନ ସେଚ ପ୍ରକଳ୍ପର ଉପଯୋଗ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ରବି ଋତୁରେ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ମୋଟ ୯୯୬୩୦ ହେକ୍ଟର ଜମି ମଧ୍ୟରୁ ୭୦୦୦ ହେକ୍ଟରରେ ଧାନ, ୬୦୦ ହେକ୍ଟର ଗହମ, ୨୫୦୦ ହେକ୍ଟର ଉନ୍ନତମାନର ମକା, ୧୧୦୦୦ହେକ୍ଟର ମୁଗ, ୩୦୦୦ହେକ୍ଟର ବିରି, ୪୦୦୦ହେକ୍ଟର ଜମିରେ କୋଳଥ ଚାଷ କରାଯିବାକୁ ସ୍ଥିର ହୋଇଛି। ସେହିପରି ୧୬୫୦୦ହେକ୍ଟର ଜମିରେ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ, ୪୦୦୦ହେକ୍ଟର ଚିନାବାଦାମ, ୪୦୦ହେକ୍ଟର ସୂର୍ଯ୍ୟମୁଖୀ, ୭୦୦ହେକ୍ଟର ସୋରିଷ ଓ ୧୫୬୦୦ହେକ୍ଟରରେ ଅନ୍ୟାନ୍ୟ ତୈଳବୀଜ ଜାତୀୟ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ବ୍ୟତୀତ ଆଳୁ ୧୦୦୦ ହେକ୍ଟର, ପିଆଜ ୨୦୦୦ ହେକ୍ଟର, ଅନ୍ୟାନ୍ୟ ପନିପରିବା ଜାତୀୟ ଫସଲ ୨୬୨୦୦ହେକ୍ଟର ଏବଂ ମସଲା ଜାତୀୟ ଫସଲ ୭୧୩୦ହେକ୍ଟର ଜମିରେ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ରବି ଋତୁରେ ଧାର୍ଯ୍ୟଲକ୍ଷ୍ୟ ମୁତାବକ ବିହନ, ରାସାୟନିକ ସାର ଓ ଜୈବିକ ସାର ଉପଯୋଗ ସାଙ୍ଗକୁ ଆବଶ୍ୟକ କୃଷି ଋଣ ଯୋଗାଇଦେବା ସକାଶେ ବ୍ୟବସ୍ଥା କରାଯାଇଛି। ବୈଠକରେ ଜିଲାପାଳ ଭରଦ୍ୱାଜ କୃଷିଭିତ୍ତିକ କାର୍ଯ୍ୟକ୍ରମରେ କ୍ଷେତ୍ର ପ୍ରଦର୍ଶନୀ ଓ ତାଲିମ କର୍ମଶାଳା ଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସମସ୍ତ କୃଷି ଓ ସଂପୃକ୍ତ ଲାଇନ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାର ସଫଳ ରୂପାୟନ ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ୨୫ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନା ଉପରେ ଉପସ୍ଥାପିତ କାର୍ଯ୍ୟଖସଡା ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବିତ ଯୋଜନା ଅଟକଳ ଖର୍ଚ୍ଚ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର,ରବିବାର, ଡିସେମ୍ବର ୧୫/୨୦୧୯ Balasore, Sunday, December 15/ 2019




## ପରିତ୍ୟକ୍ତ ଘରୁ ମୃତଦେହ ମିଳିବା ଘଟଣା

# ଅପହରଣ ପରେ ହତ୍ୟା ଅଭିଯୋଗ




**ତିହିଡ଼ି, ୧୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନନ୍ଦପୁର ବଜାର ଏବଂ ପୁରୁଣାହାଟ ମଧ୍ୟସ୍ଥଳରେ ଥିବା ଏକ ପରିତ୍ୟକ୍ତ ଘରୁ ଗତ ମଙ୍ଗଳବାର ରାତିରେ ପୋଲିସ ଜଣେ ଯୁବ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତକ ଜାମଯୋଡ଼ି ପଞ୍ଚାୟତ ଅମୃତପୁର ଗ୍ରାମର ରତ୍ନାକର ଖୁଣ୍ଟିଆ। ରତ୍ନାକରଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିବା ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ଶନିବାର ତିହିଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୫୩୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୂର୍ଣ୍ଣଚନ୍ଦ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୭ ତାରିଖ ଅପରାହ୍ନରେ ରତ୍ନାକର ବ୍ୟବସାୟ କାର୍ଯ୍ୟରେ ବାଇକ୍‌ରେ ଘଣ୍ଟେଶ୍ୱର ଯାଇଥିଲେ। ବ୍ୟବସାୟିକ ସହଯୋଗୀ ମଧ୍ୟ ଅନ୍ୟ ଏକ ବାଇକ୍‌ରେ ଯାଇଥିଲେ। ରାତିରେ ରତ୍ନାକର ଘରକୁ ନ ଫେରିବାରୁ ସେମାନେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ଗୋଟାଏ ବେଳେ ରତ୍ନାକରଙ୍କ ବାଇକ୍ ଘଣ୍ଟେଶ୍ୱରରୁ ପାଇଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ। ତଦନ୍ତ କରି ହତ୍ୟାକାରୀଙ୍କୁ ଗିରଫ କରାଯାଉ ବୋଲି ସେ ନିବେଦନ କରିଛନ୍ତି।

## ଡେଙ୍ଗୁରେ ନାବାଳିକା ମୃତ

**ସଜନାଗଡ଼, ୧୪।୧୨(ଡି.ଏନ.ଏ.)**

ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀଙ୍କ ଭାଣିଜୀଙ୍କ ଝିଅ ସ୍ନାତ୍ତା ମିଶ୍ର (୧୪)ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ମୟୂରଭଞ୍ଜ ଜିଲାର ଗଡ଼ିଆ ଅଞ୍ଚଳର ଦୀନେଶ ମିଶ୍ର ସପରିବାର ମହାରାଷ୍ଟ୍ରର ପୁଣେରେ ବସବାସ କରିଆସୁଥିବା ବେଳେ ତାଙ୍କର ଝିଅ ସ୍ନାତ୍ତା ପୁଣେର କଠାରୀ ଇନ୍‌ଟରସେନ୍‌ନାଲ ସ୍କୁଲ୍‌ରେ ୯ମ ଶ୍ରେଣୀରେ ପଢୁଥିଲେ। ସେ ଜଣେ ଭଲ ଆଥଲେଟ୍ ଭାବେ ପରିଚିତ ହୋଇ ବହୁ ପୁରସ୍କାର ପାଇଥିଲେ। ତେବେ ଏକ ସପ୍ତାହ ଧରି ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ